# ଲୁହରେ ଭିଜିଲା ରଣଝାଲି

ପୁରୁଷୋତ୍ତମପୁର,୧୫।୬(ସୀମାଞ୍ଚଳ ମିଶ୍ର): ରାଜ୍ୟରେ କାମଧନ୍ଦା ଅଭାବରୁ ଦାଦନ ଖଟିବାକୁ କୁଏତ ଯାଇଥିବା ବେଳେ ସେଠାରେ ଜଳିଯାଇ ପ୍ରାଣ ହରାଇଥିବା ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ରଣଝାଲିର ସନ୍ତୋଷ ଗୌଡ (୩୫)ଙ୍କ ମରଶରୀର ଶନିବାର ଜନ୍ମମାଟିରେ ପହଞ୍ଚିଛି। ଗତ ବୁଧବାର ତାଙ୍କର ମୃତ୍ୟୁ ଘଟିଥିଲା ବେଳେ ଚାରିଦିନ ପରେ ଶନିବାର ସକାଳେ ଭୁବନେଶ୍ୱର ଏୟାର ପୋର୍ଟରେ ପରିବାର ସଦସ୍ୟଙ୍କୁ ତାଙ୍କର ମରଶରୀର ହସ୍ତାନ୍ତର କରାଯାଇଥିଲା। ପରେ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ଜନ୍ମମାଟି ରଣଝାଲିକୁ ଅଣାଯାଇଥିଲା। ମରଶରୀର ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା। ସମସ୍ତଙ୍କ ଆଖିରେ ଲୁହ ଝରୁଥିଲା। ଅନ୍ୟପଟେ ମୃତକଙ୍କ ପରିବାର ନିକଟରେ ରାଜ୍ୟ କ୍ୟାବିନେଟ ମନ୍ତ୍ରୀ ବିଭୁତି ଜେନା, ରାଷ୍ଟ୍ରମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଆସିକା ଏମପି ଅନିତା ଶୁଭଦର୍ଶିନୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଅରୁଣ କୁମାର ପଣ୍ଡା, ଯଜ୍ଞନାରାୟଣ ଦାଶଙ୍କ ସମେତ ବହୁ ଭାଜପା ନେତା ପହଞ୍ଚି ସମବେଦନା ଜଣାଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ତାଙ୍କର ଛୋଟଛୋଟ ଦୁଇ ପୁଅ ଓ ପରିବାରକୁ ଭାଜପା ପକ୍ଷରୁ ସହାୟତା ଯୋଗାଇ ଦିଆଯିବ ବୋଲି ଏମପି ଶୁଭଦର୍ଶିନୀ ଓ ବିଧାୟକ ସେଠୀ କହିଛନ୍ତି। ଶୋକାକୁଳ ପରିବେଶ ମଧ୍ୟରେ ସନ୍ତୋଷଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ପବିତ୍ର ଋଷିକୁଲ୍ୟାରେ ସତ୍କାର କରାଯାଇଛି। ଏହି ସମୟରେ ପୁରୁଷୋତ୍ତମପୁର ବିଡିଓ ମନୋଜ କୁମାର ନାୟକ,ଏସ୍‌ଡିପିଓ ରଜନିକାନ୍ତ ସାମଲ, ତହସିଲଦାର ଲୋପାମୁଦ୍ରା ରଥ, ଜିଲା ସହକାରୀ ଶ୍ରମ ଅଧିକାରୀ ରଶ୍ମିରେଖା ପଣ୍ଡା ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ସନ୍ତୋଷ କୁଏତରେ ହାଇୱେ ନାମକ ଏକ ସପିଂମଲରେ କାର୍ଯ୍ୟ କରୁଥିଲେ। ବୁଧବାର କାମ ସାରି ରହୁଥିବା ରୁମକୁ ଫେରି ଶୋଇଥିଲା ବେଳେ ସେଠାରେ ଅଗ୍ନିକାଣ୍ଡ ହୋଇଥିଲା। ଏଥିରେ ପୋଡ଼ିହୋଇ ସନ୍ତୋଷଙ୍କ ସମେତ କଟକର ଆଉ ଜଣେ ଓଡ଼ିଆ ଶ୍ରମିକଙ୍କ ମଧ୍ୟ ମୃତ୍ୟୁ ଘଟିଥିଲା।


ସନ୍ତୋଷଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଉଛି।

**ଜନ୍ମମାଟିରେ ପହଞ୍ଚିଲା ସନ୍ତୋଷଙ୍କ ମୃତଦେହ**
- ଋଷିକୁଲ୍ୟାରେ ହେଲା ଅନ୍ତିମ ସତ୍କାର
- ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ପ୍ରଶାସନ ଜଣାଇଲେ ସମବେଦନା

## ସଂକ୍ଷେପରେ

### ଏଆଇଡିଏସ୍‌ଓ ପକ୍ଷରୁ ଦସ୍ତଖତ ସଂଗ୍ରହ ଅଭିଯାନ

ବ୍ରହ୍ମପୁର୧୫।୬(ସ୍ୱାଧୀନଶେଖରପାଢ଼ୀ): ନିଟ-ୟୁଜି ଦୁର୍ନୀତିର ନ୍ୟାୟିକ ତଦନ୍ତ ତଥା ନ୍ୟାସନାଲ ଟେଷ୍ଟିଂ ଏଜେନ୍ସିକୁ ବାତିଲ କରିବା ଦାବିରେ ବ୍ରହ୍ମପୁର ଏଆଇଡିଏସଓ ପକ୍ଷରୁ ଦସ୍ତଖତ ସଂଗ୍ରହ ଅଭିଯାନ ଚାଲିଛି। ନିଟ ୨୦୨୪ର ଫଳାଫଳ ପ୍ରକାଶନ ପରେ ଛାତ୍ର ତଥା ଦେଶର କୋଣ ଅନୁକୋଣର ଶିକ୍ଷାବିତ୍ ଦୁର୍ନୀତି ପ୍ରସଙ୍ଗରେ କ୍ଷୋଭ ପ୍ରକାଶ କରିଛନ୍ତି । ଏହାକୁ ନେଇ ଏଆଇଡ଼ିଏସଓ ସମଗ୍ର ଭାରତବର୍ଷର ଛାତ୍ର, ଅଭିଭାବକ ଏବଂ ଶିକ୍ଷକମାନଙ୍କ ଲକ୍ଷ ଲକ୍ଷ ଦସ୍ତଖତ ସମ୍ବଳିତ ଅନଲାଇନ ପିଟିସନକୁ ସଂଗ୍ରହ କରୁଛି। ଯାହା ଆସନ୍ତା ୧୯ ଜୁନରେ ରାଷ୍ଟ୍ରପତି ଙ୍କୁ ପ୍ରଦାନ କରାଯିବ। ଏଥି ନିମନ୍ତେ ବ୍ରହ୍ମପୁର ତଥା ଗଞ୍ଜାମ ଜିଲା ସମେତ ଆମ ରାଜ୍ୟରେ ଏଆଇଡିଏସଓ ରାଜ୍ୟ ସଭାପତି ସୋମନାଥ ବେହେରା ଓ ସଂପାଦକ ସିଦ୍ଧାର୍ଥ ରଥଙ୍କ ନେତୃତ୍ୱରେ ଦସ୍ତଖତ ସଂଗ୍ରହ ଚାଲିଛି। ଏହି ପ୍ରସଙ୍ଗରେ ଆନ୍ଦୋଳନରତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଛାତ୍ର ସଂଗଠନ ୧୫୬୩ ଛାତ୍ରୀଛାତ୍ରଙ୍କ ଗ୍ରେସ ମାର୍କ ବାତିଲ କରି ପୁନଃପରୀକ୍ଷା କରିବାରେ ନିର୍ଣ୍ଣୟ ନେଇ ଅସନ୍ତୁଷ୍ଟ ଥିବାକହିଛନ୍ତି । ଯଦି ଉପଯୁକ୍ତ ତଦନ୍ତ ବିନା କାଉନସେଲିଂ ଜାରି ରଖାଯାଏ ତେବେ ଛାତ୍ରମାନଙ୍କ ଭବିଷ୍ୟତ ବିପଦରେ ପଡ଼ିବ । ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ଅଭିଯୋଗର ସଠିକ ଅନୁସନ୍ଧାନ କରିବାକୁ ସଂଗଠନ ଦାବି କରିଛି।

### ହଟିଲା କଟକଣା, ପୁଣି ମାଛଧରା ଆରମ୍ଭ

ଛତ୍ରପୁର,୧୫।୬ (ଦିଲ୍ଲୀପ ସାମଲ): ସମୁଦ୍ରରେ ମାଛ ମାରିବା ଉପରେ ଯେଉଁ କଟକଣା ରହିଥିଲା ତାହା ହଟିଯାଇଛି। ପୁଣି ଶନିବାରଠାରୁ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ଯାଇ ମାଛ ଧରିଛନ୍ତି। ଏପ୍ରିଲ ୧୫ରୁ ଜୁନ ୧୪ ପ୍ରାୟ ୬୧ ଦିନ ସମୁଦ୍ରରେ ମାଛ ମାରିବା ଉପରେ କଟକଣା ଜାରି କରିଥିଲା ମତ୍ସ୍ୟ ବିଭାଗ। ଏହି ସମୟରେ ମାଛଙ୍କ ପ୍ରଜନନ ଋତୁ ରହୁଥିବାରୁ ମାଛ ମାରିବା ଉପରେ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଥାଏ। ପ୍ରତ୍ୟେକ ବର୍ଷ ଏହି ଏହି ସମୟରେ ପ୍ରଜନନ ଋତୁ ଆରମ୍ଭ ହେଉଥିବା ଯୋଗୁଁ କେନ୍ଦ୍ର ସରକାରଙ୍କ ମତ୍ସ୍ୟ ସମ୍ପଦ ମନ୍ତ୍ରଣାଳୟ ପକ୍ଷରୁ ଏହି କଟକଣା ଜାରି କରାଯାଇଥାଏ। ଏହି ପ୍ରଜନନ ପରେ ଆଗାମୀ ଦିନରେ ଅଧିକରୁ ଅଧିକ ମାଛ ମିଳିବ ବୋଲି ସାଗର ମିତ୍ର ପକ୍ଷରୁ ମତ୍ସ୍ୟଜୀବୀଙ୍କୁ ସଚେତନତା କରାଯାଇଥାଏ। ଗଞ୍ଜାମ ଜିଲାରେ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଅଧିକାଂଶ ଲୋକ ଦୈନିକ ସମୁଦ୍ରକୁ ଯାଇ ମାଛ ମାରିଥାନ୍ତି । ସେମାନଙ୍କ ଜୀବିକା କହିଲେ ସମୁଦ୍ରରେ ମାଛଧରିବା। ସେମାନେ ସର୍ବଦା ସମୁଦ୍ର ଉପରେ ନିର୍ଭର କରିଥାନ୍ତି। ଏହି ୬୧ ଦିନ କଟକଣା ସମୟ ଯିବାପରେ ସେମାନେ ଆଜି ଖୁସିରେ ସମୁଦ୍ରକୁ ଯାଇ ପୁଣି ମାଛ ଧରିବା ଆରମ୍ଭ କରିଦେଇଛନ୍ତି।

### ବଜ୍ରପାତରେ ଜଳିଗଲା ଗଛ

ପାରଳାଖେମୁଣ୍ଡି,୧୫।୬(ଗିରିଧାରୀ ପରିଛା):ପାରଳାଖେମୁଣ୍ଡିରେ ଶନିବାର କାଳବୈଶାଖୀ ପ୍ରଭାବରେ ପବନ, ଘଡଘଡି ସାଙ୍ଗକୁ ପ୍ରବଳ ବର୍ଷା ହୋଇଛି। କାଳବୈଶାଖୀରେ ସହରର ବେହାର ହୋଇଯାଇଥିବା ବେଳେ ବଜ୍ରପାତରେ ରାଜୁଗୁରୁ ସାହି ଛକ ନିକଟରେ ବଜ୍ରପାତ ହେବାରୁ ଗଛ ଗୁଡିକ ଜଳିଯାଇଛି। ଅନେକ ସ୍ଥାନରେ ବଡ ବଡ ଗଛ ଭାଙ୍ଗିଯାଇଥିବା ବେଳେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ଅନ୍ୟପଟେ ବସ୍ତି ଅଞ୍ଚଳରେ ମଧ୍ୟ ଅନେକ ଘର ପବନରେ ଉଡ଼ିଯାଇଛି। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ।

# ଓମ୍‌ଫେଡର ଅର୍ଥ ହେରଫେର
## ପୂର୍ବତନ ମହାପ୍ରବନ୍ଧକଙ୍କ ନାଁରେ ମାମଲା

ବ୍ରହ୍ମପୁର,୧୫।୬(ସୁବାସ ଚନ୍ଦ୍ର ପାଢ଼ୀ): ଅର୍ଥ ହେରଫେର କରିବା ଅଭିଯୋଗରେ ବ୍ରହ୍ମପୁର ସ୍ଥିତ ବୃହତ୍ତର ଗଞ୍ଜାମ-ଗଜପତି ସମବାୟ ଦୁଗ୍ଧ ଉତ୍ପାଦକ ସଂଘ(ଜିଜିଏମୟୁ)ର ପୂର୍ବତନ ମହାପ୍ରବନ୍ଧକଙ୍କ ନାଁରେ ବୈଦ୍ୟନାଥପୁର ଥାନାରେ ମାମଲା ରୁଜୁ ହୋଇଛି । ଓମଫେଡର ଭୁବନେଶ୍ୱର କର୍ପୋରେଟ କାର୍ଯ୍ୟାଳୟର ଉପ ମହାପ୍ରବନ୍ଧକ(ମାନବ ସମ୍ବଳ)ଙ୍କ ଅଭିଯୋଗ ଆଧାରରେ ବୈଦ୍ୟନାଥପୁର ଥାନା ପୋଲିସ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ବ୍ରହ୍ମପୁର ସ୍ଥିତ ଜିଜିଏମୟୁରେ ମହାପ୍ରବନ୍ଧକ କାର୍ଯ୍ୟରତ ଥିବା ବେଳେ ଓମଫେଡ ପକ୍ଷରୁ ବିଭିନ୍ନ ପ୍ରକଳ୍ପ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଟଙ୍କା ମଞ୍ଜୁର ହୋଇଥିଲା । ସେ ଉକ୍ତ ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ଓମଫେଡ ପକ୍ଷରୁ ଏକ କମିଟି ଗଠନ କରାଯାଇ ତଦନ୍ତ କରାଯାଇଥିଲା । ତଦନ୍ତ ବେଳେ ଏହି କମିଟି ତାଙ୍କ ବିରୋଧରେ ବିଭିନ୍ନ ତଥ୍ୟ ପ୍ରମାଣ ପାଇଥିଲା। କମିଟିର ରିପୋର୍ଟକୁ ଆଧାର କରି ଉପ ମହାପ୍ରବନ୍ଧକ(ମାନବ ସମ୍ବଳ) ଥାନାରେ ଏତଲା ଦେବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ପୋଲିସକୁ କହିଛନ୍ତି ।

# ଭୋଜି ଆଳରେ ହାଣ୍ଡି ନେଇ ଚମ୍ପଟ ଘଟଣା: ମୁଖ୍ୟ ଅଭିଯୁକ୍ତ ସାନ୍ତନୁ ଗିରଫ

ବ୍ରହ୍ମପୁର,୧୫।୬(ସୁବାସ ଚନ୍ଦ୍ର ପାଢ଼ୀ): ସହରର ଏକାଧିକ ଟେଣ୍ଟ ହାଉସ ମାଲିକଙ୍କ ଠାରୁ ଭୋଜି କରିବା ଆଳରେ ହଣ୍ଡାହାଣ୍ଡି ଭଡ଼ାରେ ନେଇ ତାହାକୁ ଫେରାଉନଥିବା ଅଭିଯୋଗରେ ଟାଉନ ଥାନା ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଜଣଙ୍କ ହେଲେ ମିଲିଟାରୀ ଲାଇନରେ ରହୁଥିବା ସାନ୍ତନୁ କୁମାର ମହାନ୍ତି । ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ପୂର୍ବରୁ ଏହି ମାମଲାରେ ଜିତେନ୍ଦ୍ର କୁମାର ରଥ ଓ ରାଜେନ୍ଦ୍ର ଗୌଡ଼ ୪୧ ଧାରାରେ ଥାନାରୁ ଜାମିନରେ ଯାଇଥିଲେ । ମିଲିଟାରୀ ଲାଇନରେ ରହୁଥିବା ସାନ୍ତନୁ କୁମାର ମହାନ୍ତି ସହରର ବିଭିନ୍ନ ଟେଣ୍ଟ ମାଲିକଙ୍କ ଠାରୁ ହଣ୍ଡାହାଣ୍ଡି ଭଡାରେ ନେଉଥିଲେ । ହେଲେ କାମ ସରିବା ପରେ ସେହି ହଣ୍ଡାହାଣ୍ଡି ଫେରାଉନଥିଲେ । ଟେଣ୍ଟ ହାଉସ ମାଲିକମାନେ ତାଙ୍କୁ ହଣ୍ଡାହାଣ୍ଡି ମାଗିବା ବେଳେ ସେ ଫେରାଇଦେବି ବୋଲି କହି ଦିନ ଗଡାଉଥିଲେ । ପରବର୍ତ୍ତୀ ସମୟରେ ସାନ୍ତୁନୁ ସେହି ହଣ୍ଡାହଣ୍ଡିଗୁଡ଼ିକୁ ଉପରୋକ୍ତ ୨ ଅଭିଯୁକ୍ତଙ୍କୁ ବିକ୍ରି କରି ଦେଉଥିଲେ। ବାରମ୍ବାର ଏପରି ଘଟିବା ପରେ ଟେଣ୍ଟହାଉସ ମାଲିକମାନେ ଚିନ୍ତାରେ ପଡି ଯାଇଥିଲେ। ଠକେଇର ଶିକାର ହୋଇଥିବା କିଛି ମାଲିକ ସଂଘ କର୍ମକର୍ତ୍ତାଙ୍କୁ ଏ ବିଷୟରେ ଜଣାଇଥିଲେ । ଗତ ୧୧ତାରିଖରେ ସଂପୃକ୍ତ ବ୍ୟକ୍ତି ଜଣଙ୍କ ପୁଣି ଥରେ ଜଣେ ମାଲିକଙ୍କ ଠାରୁ ଭଡାରେ ଟେଣ୍ଟହାଉସ ନେବାକୁ ଯିବା ବେଳେ ସେ ତାଙ୍କୁ କାବୁ କରି ନେଇଥିଲେ । ସେହି ବ୍ୟକ୍ତିଙ୍କୁ ପଚରାଉଚରା ପରେ ସେ ହଣ୍ଡାହାଣ୍ଡିଗୁଡ଼ିକ ଉପରୋକ୍ତ ୨ ବ୍ୟକ୍ତିଙ୍କୁ ବିକ୍ରି କରିଥିବା ଜଣାପଡିଥିଲା। ଘଟଣାକୁ ନେଇ ସଂଘ ସଭାପତି ଭୀମସେନ ପାଣିଗ୍ରାହୀ ଥାନାରେ ଏତଲା ଦେବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା ।

# ଉତ୍ସବମୁଖର ମା' ସିଂହାସନୀଙ୍କ ଶକ୍ତି ପୀଠ
## କ୍ୟାବିନେଟ ମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ ଓ ଏମ୍‌ପିଙ୍କ ମନ୍ଦିର ପରିଦର୍ଶନ

ପୋଲସରା, ୧୫।୬ (ସୁବ୍ରତ ବେହେରା): ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ ପାଣ୍ଡିରିପଡା ପଞ୍ଚାୟତର କଷିପଡାଠାରେ ବିଜେ ମା' ସିଂହାସନଙ୍କ ଶକ୍ତି ପୀଠ। ଏହି ପୀଠରେ ତିନି ଦିନ ଧରି ପାଳିତ ହେଉଛି ରଜପର୍ବ। ଏହି ଅବସରରେ ଶନିବାର ସକାଳ ସମୟରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ସମାଗମ ଲାଗିଥିଲା। ଚଳିତ ବର୍ଷ ପ୍ରବଳ ଗରମ ସତ୍ତ୍ୱେ ଆଜିର ସଂକ୍ରାନ୍ତିରେ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ମନ୍ଦିର କମିଟିର ସଦସ୍ୟ ଓ ପ୍ରଶାସନର ତରଫରୁ ତଦାରଖ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ଯଥା ପୋଲସରା ବିଧାୟକ ଓ ସ୍ୱାଧୀନ ରାଷ୍ଟ୍ର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, କ୍ୟାବିନେଟ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଆସିକା ଏମପି ଅନିତା ଶୁଭଦର୍ଶିନୀ ପଟ୍ଟନାୟକ ଓ ଘୁମୁସର ସାଙ୍ଗଠନିକ ଜିଲା ଉପସଭାପତି ପ୍ରଭାକର ପଣ୍ଡା, ଯୁବମୋର୍ଚ୍ଚା ସଭାପତି ଦୀପକ କୁମାର ପ୍ରଧାନ ମା'ଙ୍କ ଶକ୍ତି ପୀଠରେ ପହଞ୍ଚି ମା'ଙ୍କ ଦର୍ଶନ କରି ଆର୍ଶୀବାଦ ଗ୍ରହଣ କରିବା ସହିତ ରଜପର୍ବ ଶାନ୍ତିପୂର୍ଣ୍ଣ ଭାବେ ସମାପନ କରିବା ପାଇଁ ମନ୍ଦିର କମିଟିର ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଉପସଭାପତି ପୀତବାସ ପ୍ରଧାନ, ମନ୍ଦିର ଟ୍ରଷ୍ଟି ରଘୁନାଥ ସାହୁ, ସୂର୍ଯ୍ୟନାରାୟଣ ପାଢ଼ୀ, ସ୍ଥାନୀୟ ସରପଞ୍ଚ ରଘୁନାଥ ଭୂୟାଁ, ରଘୁନାଥ ପ୍ରଧାନ, ରବିନ୍ଦ୍ର ନାୟକ, କୈଳାସ ମହାରଣା, ବିପ୍ରଚରଣ ପ୍ରଧାନ, ରବିନ୍ଦ୍ର ନାଥ ନାୟକ, ସୁରେନ୍ଦ୍ର ପ୍ରଧାନ, ବିପିନ ପ୍ରଧାନ, ଚନ୍ଦ୍ରଶେଖର ଗୌଡ, ଅଶୋକ ବିଷୋୟୀ ଓ କମିଟିର ଅନ୍ୟ ସଦସ୍ୟ ସମେତ ବହୁ ଜନପ୍ରତିନିଧି ଉପସ୍ଥିତ ରହି ସହଯୋଗ କରିଥିଲେ। ଏସଡିପିଓ ପୁରୁଷୋତ୍ତମପୁର,ପୋଲସରା ପୋଲିସ ଓ ପ୍ରଶାସନିକ ଅଧିକାରୀ, ଅନ୍ୟ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିଥିଲେ।

# ରାଷ୍ଟ୍ରମନ୍ତ୍ରୀ ଗୋକୁଳାନନ୍ଦଙ୍କୁ ସମ୍ବର୍ଦ୍ଧନା

ଖଲ୍ଲିକୋଟ,୧୫।୬(ପ୍ରଶାନ୍ତ କୁମାର ମିଶ୍ର): ଖଲ୍ଲିକୋଟ ବସଷ୍ଟାଣ୍ଡରେ ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ନେଇଥିବା ପୋଲସରା ବିଧାୟକ ଗୋକୁଳନନ୍ଦ ମଲ୍ଲିକଙ୍କୁ ଭାଜପା କର୍ମୀଙ୍କ ତରଫରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପରେ ଖଲ୍ଲିକୋଟ ଜଗନ୍ନାଥ ମନ୍ଦିର ଦର୍ଶନ କରି ମନ୍ତ୍ରୀ ପୋଲସରା ଫେରିଥିଲେ। ଆଗାମୀ ଦିନରେ ଗଞ୍ଜାମର ଆଇନ ଶୃଙ୍ଖଳା, ଦାଦନ ସମାସ୍ୟା ଆଦି ବିଭିନ୍ନ ସମସ୍ୟା ଉପରେ ଗୁରୁତ୍ୱ ଦେବେ ବୋଲି ମତବ୍ୟକ୍ତ କରିଥିଲେ। ଶ୍ରୀକୃଷ୍ଣ ଶରଣପୁର ଗ୍ରାମର ନିର୍ବାଚନ ହିଂସାରେ ମୃତ ଦିଲ୍ଲୀପ ପାହାନଙ୍କ ସ୍ତ୍ରୀ ଓ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ।

# ଆକାଂକ୍ଷା ସଂଗଠନ ପକ୍ଷରୁ ରଜ ଉତ୍ସବ



ପାରଳାଖେମୁଣ୍ଡି, ୧୫।୬ (ଗିରିଧାରୀ ପରିଛା): ଗଜପତ ଜିଲାର ଅଗ୍ରଣୀ ମହିଳା ସଙ୍ଗଠନ 'ଆକାଂକ୍ଷା' ପକ୍ଷରୁ ରାମସାଗର ନିକଟସ୍ଥ ନୂଆ କେରାଣ୍ଡି ନାୟକ ଗ୍ରୀନ ଉଡ୍ ପାର୍କରେ ରଜ ଉତ୍ସବ ପାଳିତ ହୋଇଯାଇଛି। ଏଥି ଅବସରରେ ରଜ ଦୋଳି ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ କୁନି କୁନି ଶିଶୁ, କିଶୋରୀ ଓ ବୋହୂମାନଙ୍କୁ ମେହେନ୍ଦି, ଅଳତା, ଟିକିଲି ଲଗାଇ ସଜ୍ଜିତ କରାଯାଇଥିଲା। ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ରଜ ପୋଡ଼ ପିଠା, କାକରା, ଗଜା, ଲଡୁ ଆରିସା ଓ ଅନ୍ୟାନ୍ୟ ମିଠା। ଏହାସହିତ ମିଠା ରଜପାନ ଉତ୍ସବର ଅନ୍ୟ ଆକର୍ଷଣ ଥିଲା। ଝିଅ ବୋହୂମାନେ ଦୋଳିରେ ବସି ଝୁଲିବା ସହିତ ଗୀତ ଗାଇ ନାଚି ଉଠିଥିଲେ। ଭରପୁର ଆନନ୍ଦ ଉଲ୍ଲାସର ସହିତ ରଜ ଉତ୍ସବ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାନେତ୍ରୀ ଆଶାଲତା ପାଣିଗ୍ରାହୀ, ସମ୍ପାଦିକା ମିନା କୁମାରୀ ଟହଲ, ଉପଦେଷ୍ଟା ସ୍ୱର୍ଣ୍ଣପ୍ରଭା ପାଠୀ, କୋଷାଧ୍ୟକ୍ଷ ସରିତା ପାଣିଗ୍ରାହୀ ପ୍ରମୁଖ ଅଂଶଗ୍ରହଣ କରି ସଫଳ ରୂପାୟନ କରିଥିଲେ।

# ସମ୍ବର୍ଦ୍ଧନା ପାଇଁ ପ୍ରସ୍ତୁତି ବୈଠକ

ଗଞ୍ଜାମ, ୧୫।୬ (ବିଦ୍ୟାଧର ସାହୁ): ଗଞ୍ଜାମ ଏନଏସି ଅନ୍ତର୍ଗତ ରାମଲିଙ୍ଗେଶର ମନ୍ଦିର ପ୍ରାଙ୍ଗଣରେ ଭାରତୀୟ ଜନତା ପାର୍ଟିର ଛତ୍ରପୁର ନିର୍ବାଚନ ମଣ୍ଡଳୀର ଏମପି ଓ ବିଧାୟକଙ୍କୁ ସମ୍ବର୍ଦ୍ଧନା ପାଇଁ ପ୍ରସ୍ତୁତି ବୈଠକ ଜିଲା ଏସସି ମୋର୍ଚ୍ଚା ସଭାପତି କିର୍ତ୍ତନ ଦାସ ଓ ଆଇନଜୀବୀ ପଦ୍ମଚରଣ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଭାଜପା ଜିଲା ସଭାପତି ଡ଼. ସୁବାସ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ଛତ୍ରପୁର ନିର୍ବାଚନ ମଣ୍ଡଳୀର ସଂଯୋଜକ ବସନ୍ତ କୁମାର ବେହେରା, ପୂର୍ବତନ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟା ରଶ୍ମିରାଣୀ ମହାପାତ୍ର, ପୂର୍ବତନ ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ରଘୁନାଥ ସାହୁ, ଜିଲ୍ଲା ଉପସଭାପତି ଲକ୍ଷ୍ମୀ ନାରାୟଣ ପଣ୍ଡା, ଗଞ୍ଜାମ ଏନଏସି ମଣ୍ଡଳ ସଭାପତି କାନ୍ତାରୀ ଦଳାଇ, ହୁମ୍ମା ମଣ୍ଡଳ ସଭାପତି ଧୃବଚରଣ ପଲାଇ, ସନ୍ତୋଷପୁର ମଣ୍ଡଳ ସଭାପତି ସନ୍ତୋଷ କୁମାର ନାହାକ ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ସନ୍ତୋଷ କୁମାର ମହାପାତ୍ର, ଭିକାରୀପଲ୍ଲୀ ମଣ୍ଡଳ ସଭାପତି ପଦ୍ମଚରଣ ଚରଣ ପରିଡ଼ା, ଛତ୍ରପୁର ଏନଏସି ଅଧ୍ୟକ୍ଷଙ୍କ ପ୍ରତିନିଧି ଚନ୍ଦ୍ରଶେଖର ରେଡ୍ଡି, ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା, ଖଲି ଚରଣ ରେଡି ପ୍ରମୁଖଙ୍କ ସହ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀରୁ ପାଞ୍ଚ ଜଣିଆ କମିଟି ଗଠନ କରାଯାଇଥିଲା। ପ୍ରଶାନ୍ତ କୁମାର ନାୟକ, କାହ୍ନା ସ୍ୱାଇଁ, ଧନୁର୍ଦ୍ଧର ବେହେରା, ଚନ୍ଦ୍ରଶେଖର ରେଡ୍ଡି, ପଦ୍ମଚରଣ ସାହୁ ଏହି ପାଞ୍ଚ ଜଣିଆ କମିଟି ତାରିଖ ନିର୍ଦ୍ଧାରଣ କରିବା ପରେ ସେହି ତାରିଖରେ ଏମପି ଓ ବିଧାୟକଙ୍କୁ ସମ୍ବର୍ଦ୍ଧନା ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଶେଷରେ ଜିଲା ସଂପାଦକ ଲକ୍ଷ୍ମୀ ନାରାୟଣ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ବଳାତ୍କାର ଅଭିଯୋଗରେ ବିବାହିତ ଯୁବକ ଗିରଫ

ଭଞ୍ଜନଗର,୧୫।୬(ବାବୁଲା ପ୍ରଧାନ): ଭଞ୍ଜନଗର ଥାନା ଅନ୍ତର୍ଗତ ମହାଗୁଡ଼ାର ଜନୈକ ଯୁବତୀ ଗୁରୁବାର ଜଙ୍ଗଲକୁ ଅନ୍ୟ ଦୁଇଜଣ ସାଙ୍ଗ ସହ ପତ୍ର ତୋଳିବାକୁ ଯାଇଥିଲେ। ଏହି ସମୟରେ ତାଙ୍କ ଗ୍ରାମର ଜଣେ ବିବାହିତ ଯୁବକ ଉକ୍ତ ଯୁବତୀଙ୍କୁ ବଳାତ୍କାର କରିଥିବା ଶୁକ୍ରବାର ଥାନାରେ ଅଭିଯୋଗ ହେଇଥିଲା। ଏହି ମାମଲାରେ ପୋଲିସ ଶନିବାର ଅଭିଯୁକ୍ତ ଏସ. କେ ଗୌଡଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ.SDCM-KUR-HHT-311-24
କାର୍ଯ୍ୟର ନାମ : 02 ବର୍ଷ ଅବଧି ନିମନ୍ତେ 311 ଗୋଟି ହ୍ୟାଣ୍ଡ୍ ହେଲ୍ଡ ଟର୍ମିନାଲ (Hand Held Terminals) ପାଇଁ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।
ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 5,90,893.78, EMD (ଟଙ୍କାରେ): 11,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 1,180/-, ଶେଷ ହେବା ଅବଧି: 24 ମାସ ।
ବିଡ୍ ଆରମ୍ଭ ହେବା ତାରିଖ: ତା.14.06.2024ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.28.06.2024 ରିଖ 1530 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍
PR-213/P/24-25

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ସର୍ବେକ୍ଷଣ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**
କ୍ର.ସଂ.(୧) ଇ-ଟେଣ୍ଡର ନଂ. ଡିଆର୍‌ଏମ୍-ଇଏନ୍‌ଜିଜି-ବିଏସ୍‌ପି-ଟି-୫୯-୨୪-୨୫, ତାରିଖ: ୦୪।୦୬।୨୦୨୪। କାର୍ଯ୍ୟ: ବିଳାସପୁର ଡିଭିଜନର ବିଳାସପୁରରୁ ଅନୁପପୁର ସେକ୍ସନ ମଧ୍ୟରେ ବିଦ୍ୟମାନ ଟ୍ରାକ୍ ଏବଂ ୟାର୍ଡଗୁଡ଼ିକର ସର୍ବେକ୍ଷଣ, ଏଲ୍-ସେକ୍ସନ ଇଏସ୍‌ପି/ଯୋଜନା ପ୍ରସ୍ତୁତି, ଏଲ୍‌ଡବ୍ଲ୍ୟୁଆର/ସିଡବ୍ଲ୍ୟୁଆର୍ ଏବଂ ୱେଲ୍ଡ ଯୋଜନା ପ୍ରସ୍ତୁତି। ଟେଣ୍ଡର ମୂଲ୍ୟ (ଟଙ୍କାରେ): ₹୨୭,୦୨,୭୫୯.୬୭/-, ଇଏମ୍‌ଡି (ଟଙ୍କାରେ): ₹୫୪,୧୦୦.୦୦/-, ସମାପ୍ତି ଅବଧି: ୦୬ ମାସ। ଟେଣ୍ଡର ଦାଖଲର ଆରମ୍ଭ ତାରିଖ: ତା୨୪।୦୬।୨୦୨୪ରିଖ ୧୧.୦୦ ଘଟିକାରୁ। ଟେଣ୍ଡର ଦାଖଲର ଶେଷ ତାରିଖ: ତା୦୮।୦୭।୨୦୨୪ରିଖ ୧୧.୦୦ ଘଟିକା ପର୍ଯ୍ୟନ୍ତ। ଉପରୋକ୍ତ ଇ-ଟେଣ୍ଡରର ସମ୍ପୂର୍ଣ୍ଣ ସୂଚନା ୱେବ୍‌ସାଇଟ୍ https://www.ireps.gov.inରେ ଉପଲବ୍ଧ। ଉପରୋକ୍ତ ଟେଣ୍ଡରଗୁଡ଼ିକ ପାଇଁ ଇ-ବିଡ୍ ବ୍ୟତୀତ ଅନ୍ୟ କୌଣସି ବିଡ୍‌କୁ ଗ୍ରହଣ କରାଯିବ ନାହିଁ।
ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଏନ୍‌ଜିଜି.)
CPR/10/88 ଦ.ପୂ.ମ. ରେଳପଥ, ବିଳାସପୁର
South East Central Railway @secrail

# ଡ୍ୟାନ୍ସ ଏକାଡେମୀ ପକ୍ଷରୁ ରଜ ମଉଜ, ବାର୍ଷିକ ଉତ୍ସବ

ଫୁଲବାଣୀ, ୧୫।୬(ରାକେଶ କୁମାର ରାଉତ): ଫୁଲବାଣୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ରଜ ମଉଜ ସହ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରଜ ହେଉଛି ଆମ ଓଡିଆଙ୍କ ବଡ଼ ପର୍ବ। ପୂର୍ବରୁ ରଜର ମହକ ଗାଁରେ ନିଆରା ଭାବେ ବାରି ହୋଇପଡୁଥିଲା । ଏବେ ଆଧୁନିକ ଯୁଗରେ ପିଲାମାନେ ରଜ ଆଗ ଭଳି ପାଳନ କରୁନାହାନ୍ତି। ରଜ ଆମକୁ ବର୍ଷରେ ଥରେ ଏକତ୍ରିତ କରିଥାଏ । ତେଣୁ ରଜକୁ ଗାଁରୁ ସହର ଯାଏ ପ୍ରତ୍ୟେକ ଓଡିଆ ପିଲାମାନେ ପାଳନ କରିବା ଉଚିତ ବୋଲି କହିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ପୌରାଧକ୍ଷା ସ୍ମିତାରାଣୀ ମହାନ୍ତି, ଉପ ଜିଲାପାଳ ଚିତ୍ତରଞ୍ଜନ ମହାନ୍ତ, ପବ୍ଲିକ ପ୍ରସିକ୍ୟୁଟର ରଶ୍ମିତା ମହାପାତ୍ର, ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ, ଡ୍ୟାନ୍ସ ଏକାଡେମୀ ସଭାପତି ଭାଗବତ ବେହେରା, ଆବେଦ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନବାଗତ କଳାକାରଙ୍କ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ, ଭଜନ, ଆଧୁନିକ ନୃତ୍ୟ ପରିବେଷଣ କରାଯାଇଥିଲା । କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅନୁଷ୍ଠାନ ସମ୍ପାଦକ ସରୋଜ କୁମାର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଜଣେ ପ୍ରତିଯୋଗୀଙ୍କୁ ବିଧାୟକ ପୁରସ୍କୃତ କରୁଛନ୍ତି।

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩
**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ
(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)
ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, କଲେକ୍ଟୋରେଟ୍ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, କଲେକ୍ଟୋରେଟ୍ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| କଲେକ୍ଟୋରେଟ୍ ଶାଖା / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ଗୌରାଙ୍ଗ ବେହେରା, ପିତା: ଶ୍ରୀ ଗୁମାନୀ ବେହେରା, ୨) ଶ୍ରୀ ଗୁମାନୀ ବେହେରା, ପିତା: ଶ୍ରୀ ଶ୍ୟାମ ସୁନ୍ଦର ବେହେରା, ଉଭୟଙ୍କ ଠିକଣା- ମଙ୍ଗଳା ଲେନ୍, ଛତ୍ର ବଜାର, କଟକ-୭୫୩୦୧୨ | ତା. ୨୯.୦୧.୨୦୨୪ରିଖ ସୁଦ୍ଧା ଟ.୭୪,୭୬,୯୫୬/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୧.୦୨.୨୦୨୪ / ୧୨.୦୬.୨୦୨୪ | ୧) ଶ୍ରୀ ଗୁମାନୀ ବେହେରା(ଦଲିଲ୍ ନଂ. ଟି.ଏସ୍ କେସ୍ ନଂ.: ୪୪୭/୧୯୯୪, ତାରିଖ: ୨୯.୦୩.୧୯୯୬)ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୮୬, ଖାତା ନଂ.: ୩୭୨/୧୮୯, ସା: ମଙ୍ଗଳା ଲେନ୍, ଛତ୍ର ବଜାର ହାଇ ସ୍କୁଲ ନିକଟ, |

ମୌଜା: କଟକ ସହର ୟୁନିଟ୍ ନଂ.: ୩୪ ଦୋଳମୁଣ୍ଡାଇ, ପୋ: ଦୋଳମୁଣ୍ଡାଇ, ଥାନା: ମଧୁପାଟଣା, ତହସିଲ: କଟକ, ଜିଲ୍ଲା: କଟକ-୭୫୩୦୧୨, **ସମୁଦାୟ କ୍ଷେତ୍ର: ୨୮୭୦.୧୧ ବର୍ଗଫୁଟ,** ଏହାର ଚାରିପାର୍ଶ୍ୱରେ ଉତ୍ତର: ପର୍ଶୁ ପ୍ରଧାନ, ଦକ୍ଷିଣ: ଚଇନି ଜେନା, ପୂର୍ବ: ରାସ୍ତା, ପଶ୍ଚିମ: ପୂର୍ଣ୍ଣ ପ୍ରଧାନ, **୨) ଶ୍ରୀ ଗୁମାନୀ ବେହେରା**(ଦଲିଲ୍ ନଂ. ଟି.ଏସ୍ କେସ୍ ନଂ.: ୪୪୭/୧୯୯୪, ତାରିଖ: ୨୯.୦୩.୧୯୯୬)ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୮୦/୫୦୦, ଖାତା ନଂ.: ୩୭୨/୧୮୯, ସା: ଛତ୍ର ବଜାର ମାର୍କେଟ, ମୌଜା: କଟକ ସହର ୟୁନିଟ୍ ନଂ.: ୩୪ ଦୋଳମୁଣ୍ଡାଇ, ପୋ: ଦୋଳମୁଣ୍ଡାଇ, ଥାନା: ମଧୁପାଟଣା, ତହସିଲ: କଟକ, ଜିଲ୍ଲା: କଟକ-୭୫୩୦୧୨, **ସମୁଦାୟ କ୍ଷେତ୍ର: ୬୦୯.୮୪ ବର୍ଗଫୁଟ,** ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ପୂର୍ଣ୍ଣ ପ୍ରଧାନ, ପୂର୍ବ: ଚଇନି ଜେନା, ପଶ୍ଚିମ: କୋକିଳା ବେଓ୍ୱା

ସ୍ଥାନ: ଭୁବନେଶ୍ୱର, ତାରିଖ : ୧୪.୦୬.୨୦୨୪ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

## ସଂକ୍ଷେପରେ

### ବିପଦକୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର



ବୁଗୁଡ଼ା,୧୫।୬(କାଳିଚରଣ ଦାଶ): ଖୋଲାମେଲାରେ ରହିଛି ବିଦ୍ୟୁତ ଟ୍ରାନ୍ସଫର୍ମର। ତାହା ପୁଣି ଲଟାବୁଦାରେ ପରିପୂର୍ଣ୍ଣ, ଯାହା ବିପଦକୁ ହାତଠାରି ଡାକୁଛି। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବୁଗୁଡ଼ା ବ୍ଲକ ମାଣିତରା ପଞ୍ଚାୟତ ଅନ୍ତର୍ଗତ ନଗୁଡୁ ଗାଁ ଖଦାଳ ସାହି ରାସ୍ତା କଡରେ। ଗାଁର ପାଣି ପମ୍ପ ଘର ନିକଟସ୍ଥ ରାସ୍ତା କଡରେ ଥିବା ଏହି ଲଟାବୁଦା ଘେରା ଟ୍ରାନ୍ସଫର୍ମର ଯୋଗୁଁ ବର୍ଷା ହେଲେ ଗଛରେ ବିଦ୍ୟୁତ ପ୍ରବାହ ହେଉଛି। ସେହି ପାଖଦେଇ ଗାଈ ଗୋରୁ ଏବଂ ଲୋକେ ଯାତାୟତ କରୁଥିବା ବେଳେ କେତେବେଳେ କାହାର ଜୀବନ ଯେ ଚାଲିଯିବ ସେନେଇ ଗ୍ରାମବାସୀ ଆଶଙ୍କାରେ ରହିଆସୁଛନ୍ତି। ଅନେକ ସ୍ଥାନରେ ବିଦ୍ୟୁତ ଟ୍ରାନ୍ସଫର୍ମରକୁ ବାଡ଼ବନ୍ଦୀ ସହ କୌଣସି ଅଘଟଣ ଯେପରି ନ ଘଟେ ସେଥିପ୍ରତି ପ୍ରତି ଯତ୍ନବାନ ହେବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ ହେଁ ବୁଗୁଡ଼ା ବିଦ୍ୟୁତ ବିଭାଗ ଏଥିପ୍ରତି ଆଦୌ ଦୃଷ୍ଟି ଦେଉ ନଥବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବିଭାଗୀୟ ଅଧିକାରୀ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି।

# ଅଧା ଡାକ୍ତରରେ ଚାଲିଛି ଭଞ୍ଜନଗର ମେଡିକାଲ

ଭଞ୍ଜନଗର,୧୫।୬ (ବାବୁଲା ପ୍ରଧାନ):

- ୧୧ ମେଡିକାଲର ସ୍ଥିତି ଅନୁଧ୍ୟାନ କରିବେ ବିଧାୟକ, ସିଡିଏମଓ
- ଗୁରୁତ୍ୱପୂର୍ଣ୍ଣ ୪ ବିଶେଷଜ୍ଞ ପଦବୀ ବହୁବର୍ଷ ହେବ ଖାଲିପଡ଼ିଛି




ବିଧାୟକ ପ୍ରଦ୍ୟୁମ୍ନ ନାୟକ ମେଡିକାଲ ପରିଦର୍ଶନରେ ଯାଇ ରୋଗୀ ସେବା ଦେଖୁଛନ୍ତି।

ରାଜ୍ୟର ନୂଆ ନୂଆ ମେଡ଼ିକାଲ କଲେଜ ଖୋଲୁଛି। ଫଳରେ ପ୍ରତିବର୍ଷ ପୂର୍ବ ଅପେକ୍ଷା ଅଧିକ ନୂଆ ଡାକ୍ତର ବାହାରୁଛନ୍ତି। କିନ୍ତୁ ଯେତିକି ଡାକ୍ତର ବାହାରୁଛନ୍ତି ତାହା ପର୍ଯ୍ୟାପ୍ତ ହେଉନାହିଁ। ତେଣୁ ରାଜ୍ୟରେ ଏବେ ବି ଅଧିକାଂଶ ମେଡିକାଲରେ ବହୁ ଡାକ୍ତର ପଦବୀ ଖାଲିପଡିଛି। ଏହିଭଳି ଗଞ୍ଜାମ ଜିଲା ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ମଧ୍ୟ ଅଧା ଡାକ୍ତର ପଦବୀ ଖାଲି ପଡ଼ିଛି। ଏଠାରେ ୩୨ ଡାକ୍ତର ରହିବା ବ୍ୟବସ୍ଥା ଥିବା ବେଳେ ବର୍ତ୍ତମାନ ୧୬ ଡାକ୍ତର ଅଛନ୍ତି। ଅନ୍ୟପଟେ ଡାକ୍ତର ପଦବୀ ଖାଲି ପଡ଼ିଥିବା ବେଳେ ଜଣେ ଡାକ୍ତର ଏଠାରୁ ବ୍ରହ୍ମପୁରକୁ ଡେପୁଟେଶନରେ ଆଜକୁ ୫ ବର୍ଷ ହେବ ଯାଇଛନ୍ତି। ଅଧା ଡାକ୍ତରରେ ମେଡିକାଲ ଚାଲିବା ଯୋଗୁଁ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡିଛି। ମେଡିକାଲର ଗୁରୁତ୍ୱପୂର୍ଣ୍ଣ ୪ ବିଶେଷଜ୍ଞ ପଦବୀ ୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଖାଲିପଡ଼ିଛି। ସେଗୁଡିକ ହେଲା ସର୍ଜରୀ, ଅସ୍ଥିଶଲ୍ୟ, ନିଶ୍ଚେତକ ଏବଂ ଚକ୍ଷୁ। ଏଥିସହ ପାଥୋଲୋଜି ବିଭାଗର ଡାକ୍ତର ପଦବୀ ମଧ୍ୟ ଆରମ୍ଭରୁ ଖାଲିପଡିଛି। ଭଞ୍ଜନଗର ମେଡିକାଲକୁ ଆହତ ରୋଗୀଟିଏ ଆସିଲେ ଅଧିକାଂଶ ସମୟ ଡାକ୍ତର ସଂପୃକ୍ତ ରୋଗୀଙ୍କୁ ବ୍ରହ୍ମପୁର ପଠାଇ ଦେଉଛନ୍ତି। ସର୍ଜରୀ ଏବଂ ଅସ୍ଥିଶଲ୍ୟ ବିଶେଷଜ୍ଞ ପଦବୀ ଖାଲି ପଡ଼ିଥିବା ଯୋଗୁ ଏହି ସମସ୍ୟା ଦେଖାଦେଇଛି। ସେହିଭଳି ନିଶ୍ଚେତକ ବିଶେଷଜ୍ଞ ପଦବୀ ଖାଲିଥିବା ଯୋଗୁଁ ଏଠି କୌଣସି ଅପରେଶନ ଆଉ ହୋଇପାରୁନାହିଁ। ଏହିଭଳି ନର୍ସ ସମେତ ଅନ୍ୟାନ୍ୟ ପଦବୀ ଖାଲି ପଡ଼ିଥିବା ଯୋଗୁଁ ମେଡିକାଲ ପରିଚାଳନାରେ ବ୍ୟାଘାତ ହେଉଛି। ଏ ନେଇ ବିଭିନ୍ନ ସମୟରେ ବିଭିନ୍ନ ସଙ୍ଗଠନ ଦାବି ଉଠାଉଛନ୍ତି, କିନ୍ତୁ ଦାବି ପୂରଣ ହେବାକୁ ନାହିଁ। ଏହିଭଳି ପରିସ୍ଥିତିରେ ଶୁକ୍ରବାର ରାତିରେ ସ୍ଥାନୀୟ ନବ ନିର୍ବାଚିତ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଭଞ୍ଜନଗର ମେଡିକାଲକୁ ଅଚାନକ ଏକ ଦୁର୍ଘଟଣାରେ ଆହତମାନଙ୍କୁ ଦେଖିବାକୁ ଯାଇଥିଲେ। ମେଡିକାଲର ବିଭିନ୍ନ ସମସ୍ୟା ସମ୍ପର୍କରେ ଜାଣିବା ପରେ ମେଡିକାଲ ଅଧୀକ୍ଷକଙ୍କ ସହ ଆଲୋଚନା କରିଥିଲେ। ଏଥିସହ ସେ ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ମଧ୍ୟ ଫୋନରେ କଥା ହୋଇଥିଲେ। ଭଞ୍ଜନଗର ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ୧୧ ଟି ବିଭିନ୍ନ ମେଡିକାଲର ସମସ୍ୟା ଉପରେ ଆଲୋଚନା କରିଥିଲେ। ଏଥିସହ ଖୁବ ଶୀଘ୍ର ବିଧାୟକ ଓ ସିଡିଏମଓ ମିଳିତ ଭାବେ ଏହି ୧୧ଟି ମେଡିକାଲର ଭିତ୍ତିଭୂମି ବୁଲି ଦେଖିବେ। ଏହାପରେ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଭଞ୍ଜନଗର ମେଡ଼ିକାଲ ଉପରେ ଭଞ୍ଜନଗର ଉପଖଣ୍ଡର ୮ ଟି ବ୍ଲକ ଏବଂ ୫ଟି ଏନଏସି ସମେତ କନ୍ଧମାଳ ଜିଲାର ଜି.ଉଦୟଗିରି, ଚକାପାଦ, ଟିକାବାଲି, ରାଇକିଆ, ନୟାଗଡ଼ ଜିଲାର ସୀମାରେ ବସବାସ କରୁଥିବା ଲୋକେ ସ୍ୱାସ୍ଥ୍ୟସେବା ପାଇବା ପାଇଁ ନିର୍ଭରଶୀଳ। ତେଣୁ ପ୍ରତ୍ୟେକ ଦିନ ବହୁ ଲୋକ ଭଞ୍ଜନଗର ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଆସୁଛନ୍ତି। ମେଡ଼ିକାଲର ଭିତ୍ତିଭୂମି ୫-ଟି ମାଧ୍ୟମରେ ସୁଦୃଢ଼ ହୋଇଯାଇଛି, କିନ୍ତୁ ଡାକ୍ତର ନାହାନ୍ତି। ଅନ୍ୟପଟେ କିଛିଦିନ ମଧ୍ୟରେ ଏଠାରେ ସିଟି ସ୍କାନ ବ୍ୟବସ୍ଥା ଆରମ୍ଭ ହେବ। ଗତ ସରକାର ସମୟରେ ଅର୍ଥ ଅନୁମୋଦନ ହୋଇଛି। ଏଥିସହ ପ୍ରାୟ ୧୬ କୋଟି ଟଙ୍କା ବ୍ୟୟରେ ନୂତନ ମାତୃ ଓ ଶିଶୁ ୱାର୍ଡ ଖୋଲିବ। ଏଥିପାଇଁ ବିଭାଗ ପକ୍ଷରୁ ମେଡିକାଲକୁ ଲାଗିଥିବା ବନ ବିଭାଗର ଏକ କୋଠା ନିଆଯାଇଛି। ଜମି ହସ୍ତାନ୍ତର କାଗଜ ପତ୍ର କାମ ସରିଲେ ସେଠାରେ କୋଠା କାମ ଆରମ୍ଭ ହେବ। ମେଡ଼ିକାଲର ଅନେକ କାମ ଏବେବି ବି ବାକି ଅଛି। ରାଜ୍ୟ ସରକାରଙ୍କ ଶୁଭଦୃଷ୍ଟି ପଡିଲେ ମେଡିକାଲର ଆହୁରି ଉନ୍ନତୀକରଣ ହେବା ସହ ରୋଗୀ ସେବାରେ ସୁଧାର ଆସିପାରିବ। ଏଥିପ୍ରତି ସରକାର ଦୃଷ୍ଟି ଦେବା ପାଇଁ ଅଞ୍ଚଳବାସୀ ନିବେଦନ କରିଛନ୍ତି।

### ଅନ୍ଧାରିଆ ସାହି ରାସ୍ତାରେ ଗର୍ତ୍ତ, ପ୍ରତିକାର ଦାବି



ବୁଗୁଡ଼ା,୧୫।୬(କାଳିଚରଣ ଦାଶ): ସ୍ଥାନୀୟ ଅନ୍ଧାରିଆ ସାହିର ପ୍ରବେଶ ପଥରେ କଭର ପ୍ଲେଟ ଭାଙ୍ଗିଯାଇ ବଡ ଗାତଟିଏ ସୃଷ୍ଟି ହୋଇଛି। ରାସ୍ତାରେ ଗର୍ତ୍ତ ଥିବାରୁ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି କରୁଥିବା ବେଳେ ଏନ୍ଏସି ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନଥିବା ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସାହିର ପ୍ରବେଶ ଦ୍ୱାରରେ ଏଭଳି ବିପଦପୂର୍ଣ୍ଣ ଗାତ ସୃଷ୍ଟି ହୋଇଥିବାରୁ ତାହାର ଦୁଇ ପାର୍ଶ୍ୱରେ ଦୁଇଟି ବଡ ବଡ ପଥର ରଖାଯାଇଛି। ଫଳରେ ସେହି ପଟ ଦେଇ ସାହି ମଧ୍ୟକୁ କୌଣସି ଚାରି ଚକିଆ ଯାନ ଏପରିକି ଅଟୋଟିଏ ମଧ୍ୟ ପ୍ରବେଶ କରିବା ସମ୍ଭବ ହୋଇ ପାରୁନାହିଁ। ଦୀର୍ଘ ଦିନ ହେଲା ଏପରି ଅବସ୍ଥା ରହିଥିବାରୁ ଲୋକଙ୍କ ଅସନ୍ତୋଷ ତୀବ୍ରତର ହେବାରେ ଲାଗିଛି। ଏଣୁ ଶୀଘ୍ର ଉକ୍ତ ସମସ୍ୟାର ପ୍ରତିକାର ବ୍ୟବସ୍ଥା କରିବା ନେଇ ଏନ୍ଏସି ପ୍ରଶାସନ ନିକଟରେ ସାଧାରଣରେ ଦାବି ହେଉଛି।

### ରମ୍ଭା ପାନ୍ଥନିବାସରେ ରଜ ମହୋତ୍ସବ ପାଳିତ

ରମ୍ଭା,୧୫।୬(ବନବାସୀ ସେଠୀ): ରମ୍ଭା ପାନ୍ଥନିବାସରେ ଡିଭିଜିନାଲ ମ୍ୟାନେଜର ପ୍ରଣବ କୁମାର ଚାନ୍ଦଙ୍କ ଅଧ୍ୟକ୍ଷତାରେ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରମ୍ଭା ଏନଏସି ଅଧ୍ୟକ୍ଷା ମାନସୀ ସ୍ୱାଇଁ ଏବଂ ସମ୍ମାନିତ ଅତିଥି ରମ୍ଭା ଥାନା ଆଇଆଇସି ସତ୍ୟବ୍ରତ ଭୁତିଆ, ବିଶିଷ୍ଟ ବ୍ୟବସାୟୀ ଟି. ଅନିଲ କୁମାର ସୁବୁଦ୍ଧି, ଅଧ୍ୟକ୍ଷା ପ୍ରତିନିଧି କାହ୍ନା ସ୍ୱାଇଁ ଯୋଗଦେଇ ଉନ୍ମୋଚନ କରିଥିଲେ। ଆସିଷ୍ଟାଣ୍ଟ ମ୍ୟାନେଜର ଘନଶ୍ୟାମ ମିଶ୍ର, ଆକାଉଣ୍ଟାଣ୍ଟ ବିନୋଦ କୁମାର ଜେନା, ଖାଦ୍ୟ ପାନୀୟ ବିଭାଗ ପରିଚାଳକ ଦୀପକ କୁମାର ଦାଶ, ଗଣେଶ କୁମାର ଚୌଧୁରୀ, ପ୍ରଶାନ୍ତ ସେଠୀ, ଆଶିଷ କୁମାର ମଲ୍ଲିକ ଏବଂ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ ପ୍ରକାର ପିଠା ଏବଂ ମିଠା ଯଥା ଆରିଶା, କାକରା, ପୋଡ଼ ପିଠା, ମଣ୍ଡା, ଛେନାପୋଡ଼, ପାନ ଏବଂ ରଜ ଦୋଳିର ମଜା ଉପଭୋଗ କରିଥିଲେ।

### ବଜ୍ରପାତରେ ଗାଈ ମୃତ

ମୋହନା,୧୫।୬(ମନ୍ମଥ ମିଶ୍ର)

ମୋହନା ଅଞ୍ଚଳରେ ଶନିବାର କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ହେବା ସହ ବଜ୍ରପାତ ହେବାରୁ ଗୋଟିଏ ଗାଈର ମୃତ୍ୟୁ ଘଟିଛି। ବାଘମାରି ପଞ୍ଚାୟତ ପାଢୀଗାଁ ଗ୍ରାମର ବଳରାମ ଗୌଡ଼ଙ୍କ ଗାଈ ଚରିବା ପାଇଁ ଜଙ୍ଗଲକୁ ଯାଇଥିଲା। ଅପରାହ୍ନରେ ଫେରିବା ସମୟରେ ବଜ୍ରପାତ ହେବାରୁ ଏକ ଗଛମୂଳରେ ଗାଈର ମୃତ୍ୟୁ ଘଟିଥିଲା। ବଳରାମ ଜଣେ ଗରିବ ଶ୍ରେଣୀର ଚାଷୀ ହୋଇଥିବାରୁ ସରକାରୀ ସହାୟତା ଓ କ୍ଷତିପୂରଣ ପାଇଁ ନିବେଦନ କରିଛନ୍ତି। ସେହିପରି ମୋହନା ବ୍ଲକର ଲୁହାଗୁଡ଼ି, କମଳାପୁରରେ ଘଡଘଡି ସହ ବର୍ଷା ହୋଇଥିଲା।

## ଦେବଭୂମିରେ ପର୍ଯ୍ୟଟକଙ୍କ ଭିଡ଼

ଦାରିଙ୍ଗବାଡି,୧୫।୬(ଅରୁଣ ସାହୁ)

**ଋଷିମାଳର ଉନ୍ନୟନ କାର୍ଯ୍ୟ ପରିଦର୍ଶନ କଲେ ବିଡିଓ**



ଦାରିଙ୍ଗବାଡି ବ୍ଲକ ହାତୀମୁଣ୍ଡା ପଞ୍ଚାୟତରେ ଥିବା ଐତିହାସିକ ତଥା ଦେବଭୂମି କୁହାଯାଉଥିବା ଋଷିମାଳ ମହାବାରୁଣୀ ତୀର୍ଥରେ ଦିନକୁ ଦିନ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳୁଛି। ଋଷିମାଳରୁ ଋଷିକୁଲ୍ୟା ନଦୀ ସୃଷ୍ଟି ହୋଇଥିବା କୁହାଯାଉଥିବା ବେଳେ ଆଧ୍ୟାତ୍ମିକ ଓ ଶାନ୍ତ ପରିବେଶ ମଧ୍ୟରେ ଏହି କ୍ଷେତ୍ରଟି ରହିଛି। ଏହି କ୍ଷେତ୍ରର ବିକାଶ ପାଇଁ ଶନିବାର ଉନ୍ନୟନ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଚାଳନା କମିଟି ସମ୍ପାଦକ ଯୋଗେଶ୍ୱର ପାତ୍ର ବୈଠକ ପରିଚାଳନା କରିଥିଲେ। ବୈଠକରେ ବିଡିଓ ଗଦାଧର ପାତ୍ର ପହଞ୍ଚି ରାଜ୍ୟ ସରକାରଙ୍କ ପକ୍ଷରୁ ପର୍ଯ୍ୟଟନ ବିଭାଗର ସହଯୋଗରେ ଋଷିମାଳର ବିକାଶ ପାଇଁ ଆସିଥିବା ୭୮ ଲକ୍ଷ ଟଙ୍କା ଅନୁଦାନର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଋଷିମାଳ ଉନ୍ନୟନ କମିଟିର କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ପ୍ରତିବର୍ଷ ମହାବାରୁଣୀ ସମୟରେ ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଆସୁଥିବା ବେଳେ ରାତ୍ରିଯାପନର ବ୍ୟବସ୍ଥା ପାଇଁ ଆଶ୍ରୟସ୍ଥଳୀ ନାହିଁ ସେହିପରି ଆଲୁଅ ବ୍ୟବସ୍ଥା, ଶୌଚାଳୟ, ପିଇବାପାଣିର ବ୍ୟବସ୍ଥା ବାରୁଣୀ ସ୍ନାନ ପାଇଁ ପୋଖରୀର ଆବଶ୍ୟକତା ସହ ସୀତାକୁଣ୍ଡ, ଅସ୍ଥି ବିସର୍ଜନ କୁଣ୍ଡ, ଋଷିମାଳ ପାହାଡ଼ ଚାରିପାଖେ ପର୍ଯ୍ୟଟକ ବୁଲିବା ପାଇଁ ସୁରକ୍ଷିତ ପାଦଚଲା ରାସ୍ତା ସହ ସୌନ୍ଦର୍ଯ୍ୟକରଣ, ରୋଷେଇଶାଳ, ମନ୍ଦିରକୁ ଯିବା ପାଇଁ ପାହାଚ ଆଦି ମୌଳିକ ସୁବିଧା କରାଯିବା ପାଇଁ ଋଷିମାଳ ଉନ୍ନୟନ ପରିଚାଳନା କମିଟିର କର୍ମକର୍ତ୍ତାମାନେ ବିଡିଓଙ୍କୁ ଜଣାଇଥିଲେ। ବିଡିଓ ମଧ୍ୟ ଏହାର ସାମଗ୍ରିକ ବିକାଶ କରାଯିବ ବୋଲି କହିଛନ୍ତି। ବିଡିଓ ଉକ୍ତ ଋଷିମାଳ ପାହାଡ଼ ଗୁମ୍ଫା ସମେତ ସମସ୍ତ ଅଞ୍ଚଳ ବୁଲି ଉନ୍ନୟନ କାର୍ଯ୍ୟର ସମୀକ୍ଷା କରି ଫେରିଛନ୍ତି।

### ମା' ଠାକୁରାଣୀ ଯାତ୍ରାର ପ୍ରସ୍ତୁତି ବୈଠକ

ରମ୍ଭା,୧୫।୬(ବନବାସୀ ସେଠୀ)

ରମ୍ଭା ପନ୍ଦରା ସାହିରେ ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ଉପଲକ୍ଷେ ପୂର୍ବତନ ନଗରପାଳ ତଥା ସଭାପତି ବିଜୟ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାହିର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ମହା ଆଡମ୍ବର ସହ ଶାନ୍ତିଶୃଙ୍ଖଳାରେ ମା'ଙ୍କ ଘଟଯାତ୍ରା ରୀତିନୀତି ଅନୁସାରେ କରାଯିବାକୁ ସ୍ଥିର କରାଯାଇଥିଲା। ଚଳିତ ମାସ ୧୩ ତାରିଖରୁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଯାତ୍ରା ଆୟୋଜନ କରାଯିବ। ଉକ୍ତ ବୈଠକରେ ମ୍ୟାନେଜର ଭାବେ ସତ୍ୟନାରାୟଣ ବେହେରା ରହିଥିବା ବେଳେ ସମ୍ପାଦକ ରାମ ଚନ୍ଦ୍ର ବାଡତ୍ୟା, କୋଷାଧ୍ୟକ୍ଷ ଶିବ ବିଶ୍ୱାଳଙ୍କୁ ଚୟନ କରାଯାଇଥିଲା ଏବଂ ଗୋଦାବରୀଶ ମାର୍ଗ ତଥା ପନ୍ଦରାସାହି ମା' ଠାକୁରାଣୀ ଯାତ୍ରା ପରିଚାଳନା କମିଟିବୃନ୍ଦ ସହଯୋଗ କରିବା ପାଇଁ ସଭାପତି ଉପଦେଶ ଦେଇଥିଲେ।

## ଭାଜପା ବିଧାୟକ ସରୋଜଙ୍କୁ ସମ୍ବର୍ଦ୍ଧନା



ସମର୍ଥକଙ୍କ ଗହଣରେ ବିଧାୟକ ପାଢ଼ୀ।

ଆସିକା,୧୫।୬ (ସୁରେନ୍ଦ୍ର ନାଥ ସାହୁ)

ଆସିକାର ନବ ନିର୍ବାଚିତ ଭାଜପା ବିଧାୟକ ସରୋଜ ପାଢ଼ୀଙ୍କୁ ଶନିବାର ଦଳୀୟ କର୍ମୀ ଓ ଜନସାଧାରଣଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭୁବନେଶ୍ୱରରୁ ବିଧାୟକ ପାଢୀ ଫେରିଲା ବେଳେ କର୍ମୀ ଓ ସମର୍ଥକ କବିସୂର୍ଯ୍ୟନଗର ନିକଟସ୍ଥ ଗୁଡିଆଳି ଛକଠାରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ତାଙ୍କୁ ପାଛୋଟି ଆଣିଥିଲେ। କବିସୂର୍ଯ୍ୟନଗର ଛକରେ କବିସୂର୍ଯ୍ୟ ବଳଦେବ ରଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଶୋଭାଯାତ୍ରା ବାହାରିଥିଲା। ରାସ୍ତାରେ କୋଟିନଡ଼ା ଛକ, କଲେଜ ଛକ, ମୁକୁନ୍ଦପୁର ଛକ, ବିଜୁ ପଟ୍ଟନାୟକ ଛକ ଆଦି ସ୍ଥାନରେ ବିଧାୟକ ପାଢୀଙ୍କୁ ଜନସାଧାରଣଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର କବିସୂର୍ଯ୍ୟନଗର ବ୍ଲକର ୧୨ଟି ପଞ୍ଚାୟତ ଓ ଆସିକା ବ୍ଲକର ୨୭ଟି ପଞ୍ଚାୟତରୁ ଦଳୀୟ କର୍ମୀ ଓ ସମର୍ଥକ ସାମିଲ ଥିଲେ।

## ଗ୍ରାସୀମ ଇଣ୍ଡଷ୍ଟ୍ରିଜ କଲୋନି ପରିସରରେ ରଜ ପର୍ବ

ଗଞ୍ଜାମ,୧୫।୬(ବିଦ୍ୟାଧର ସାହୁ)



ବଟେଶ୍ୱର ପୀଠରେ ପର୍ଯ୍ୟଟକଙ୍କ ଭିଡ଼।

ଗ୍ରାସୀମ ଇଣ୍ଡଷ୍ଟ୍ରିଜ କଲୋନୀ ପରିସରରେ ମଧ୍ୟ ରଜ ପର୍ବ ପାଳନ ହୋଇଛି। ଓଡ଼ିଶାର ଏହି ସଂସ୍କୃତି ଓ ପରମ୍ପରାକୁ ଆଗକୁ ନେବାକୁ ଗଞ୍ଜାମ ସ୍ଥିତ ଗ୍ରାସୀମ ଇଣ୍ଡଷ୍ଟ୍ରିଜ ଲିମିଟେଡର କଲୋନିବାସୀ ଖୁବ୍ ଜାକଜମକରେ ତିନିଦିନ ଧରି କଲୋନୀ ପରିସରରେ ରଜ ପର୍ବ ପାଳନ କରିଛନ୍ତି। ଏହି ଅବସରରେ ପୁଚିଖେଳ, ରଜ ପାନଭଙ୍ଗା, ପୋଡପିଠା ପ୍ରସ୍ତୁତି ଓ ରଜ କୁଇନ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।
ସେହିପରି ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ କଣ୍ଟିଆଗଡ଼ଠାରେ ପ୍ରସିଦ୍ଧ ଐତିହାସିକ ବଟେଶ୍ୱର ଶୈବପୀଠ ଅବସ୍ଥିତ। ଦ୍ୱିତୀୟ ରଜ ତଥା ରଜ ସଂକ୍ରାନ୍ତି ଅବସରରେ ହଜାର ହଜାର ପର୍ଯ୍ୟଟକ ଓ ଭକ୍ତମାନଙ୍କ ସମାଗମ ହୋଇଥିବା ପରିଲକ୍ଷିତ ହୋଇଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ବାହାରୁ ଆସିଥିବା ଭକ୍ତଙ୍କ ଲାଗି ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ଗହଳିକୁ ଦୃଷ୍ଟିରେ ରଖି ରମ୍ଭା ଥାନା ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

## ୧୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୩ ଗିରଫ

ବାଲିଗୁଡା,୧୫।୬ (ସଞ୍ଜୟ କୁମାର ପାଣିଗ୍ରାହୀ):




ଗିରଫ ଅଭିଯୁକ୍ତ ସହ ଜବତ ଗଞ୍ଜେଇ ଓ କାର।

କନ୍ଧମାଳ ଜିଲା ବାଲିଗୁଡାରୁ ମଧ୍ୟପ୍ରଦେଶ ଗଞ୍ଜେଇ ଚାଲାଣ ବେଳେ ଅବକାରୀ ବିଭାଗ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରିଛି। ଏଥିସହ ଏକ ମହିନ୍ଦ୍ରା ଗାଡି (ନଂ.ଏମପି ୧୯ ଜେଡଡି ୨୭୧୫) କୁ ଜବତ କରାଯାଇଛି। ଯାଞ୍ଚ କରିବା ସମୟରେ କାର ଭିତରୁ ୫୦କେଜି ଗଞ୍ଜେଇ ଜବତ କରିବା ସହିତ ଗାଡ଼ି ଭିତରେ ବସିଥିବା ୩ ଜଣଙ୍କୁ ଗିରଫ କରିଥିଲେ। ସେମାନେ ହେଲେ ରାଜେଶ ସୋନି(୩୨) ଘର ଛତିଶଗଡ଼ର ବିଳାସପୁର, ରବି ରାଜ ସିଂ (୨୪) ଘର ମଧ୍ୟପ୍ରଦେଶର ସନ୍ତା ଜିଲାର ମାଧା ଗ୍ରାମ ଓ ସନ୍ଦୀପ ସିଂ ବେଘାଲ ମଧ୍ୟପ୍ରଦେଶ ଗ୍ରାମର ସନ୍ତା ଜିଲ୍ଲାର ଶୁକ୍ଲ ବର୍ଘାଧ୍ ଗ୍ରାମ ବୋଲି ଜଣାପଡ଼ିଛି। ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ଅଧିକାରୀ ସୁମିତ୍ରା ଦଳେଇ ସୂଚନା ଦେଇଛନ୍ତି। ଏହି ଚଢ଼ଉରେ ଏଏସଆଇ ଜିମୂତା ବେହେରଦଳେଇ, ଏଏସଆଇ ରାଧାକୃଷ୍ଣ ସାହୁ, ଏଏସଆଇ ପ୍ରଦୀପ କୁମାର ମଲିକ ଏବଂ କନେଷ୍ଟବଳ ଜ୍ଞାନ ପ୍ରସାଦ ସାହୁ ଓ ସଂଜୀବ ଭୁକ୍ତା ପ୍ରମୁଖ ସାମିଲ ଥିଲେ।

## ଶବର ସମାଜ ପକ୍ଷରୁ ଛାତ୍ରୀଛାତ୍ର ସମ୍ମିଳନୀ

ଆର. ଉଦୟଗିରି, ୧୫।୬ (ମନୋଜ କୁମାର ପାଢ଼ୀ):




ଶବର ସମାଜ କଲ୍ୟାଣ ସମିତି ଶ୍ରୀରାମପୁର (ଶବରପଲି ) ଗଜପତି ଆନୁକୂଲ୍ୟରେ କାକିଲିଠାରେ ସୁଗାଡ଼ କେନ୍ଦ୍ରସ୍ତରୀୟ ତୃତୀୟ ଛାତ୍ରୀଛାତ୍ର ସମ୍ମିଳନୀ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁଗାଡ଼ କେନ୍ଦ୍ରର ୧୬ ଖଣ୍ଡ ଗ୍ରାମର ପ୍ରାୟ ୩୦୦ ରୁ ୪୦୦ ଆଦିବାସୀ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ନୃତ୍ୟ, ସଂଗୀତ, ବକ୍ତୃତା ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଶୁକ୍ରବାର ଉଦଘାଟନୀ ଉତ୍ସବରେ ଶବର ସମାଜ କଲ୍ୟାଣ ସମିତିର କୋଷାଧକ୍ଷ ନବୀନ ରଇତ ମୁଖ୍ୟ ଅତିଥି, କଙ୍କଡଗୁଡା କୋଷାଧକ୍ଷ ଜୟରାମ ରଇତ, ତୁବୁରୁବ ମଣ୍ଡଳ ସଭାପତି ପ୍ରକାଶ ବଡରଇତ, ମୁଖ୍ୟବକ୍ତା ରୂପେ କେନ୍ଦ୍ର ସଭାପତି ନରତୁମ୍ବ ରଇତ ଯୋଗଦେଇଥିବା ବେଳେ ଶନିବାର ଉଦଯାପନୀ ସମାରୋହରେ ରାଜ୍ୟ ପୁରସ୍କୃତ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି, ଜିଲା ଶବର ସମାଜ ସେବକ ରଣାହାତି ନାୟକ ମୁଖ୍ୟବକ୍ତା, ତୁବୁରୁବ ମଣ୍ଡଳୀ ସଭାପତି ପ୍ରକାଶ ବଡରଇତ, କେନ୍ଦ୍ର ସଭାପତି ନରତୁମ୍ବ ରଇତ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଛାତ୍ର ସଭାପତି ସରୋଜ କୁମାର ବଡରଇତ, ସମ୍ପାଦକ ରଞ୍ଜନ ରଇତ ଓ ଯୁବ ବନ୍ଧୁମାନେ ପରିଚାଳନା କରିଥିଲେ। ସୁଗାଡ଼ କେନ୍ଦ୍ର ଉପଦେଷ୍ଟା ନୀଳକଣ୍ଠ ରଇତ ଗୀତା ପାଠ ସହ ମନ୍ତ୍ର ଉଚ୍ଚାରଣ କରିଥିଲେ। କେନ୍ଦ୍ର ସମ୍ପାଦକ ସୁରେଶ କୁମାର ରଇତ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସପ୍ତାହେ ହେଲା ଅନ୍ଧାରରେ ବାଲିଗୁଡ଼ାର ଅଧିକାଂଶ ଗ୍ରାମାଞ୍ଚଳ

ବାଲିଗୁଡ଼ା,୧୫।୬(ସଞ୍ଜୟ କୁମାର ପାଣିଗ୍ରାହୀ)



ବନ୍ଦ ରହିଥିବା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ।

ବାଲିଗୁଡ଼ା ଉପଖଣ୍ଡରେ କିଛିଦିନ ହେଲା ବିଦ୍ୟୁତ୍‌ର ଲୁଚକାଳି ଖେଳ ଉପଭୋକ୍ତାଙ୍କୁ ହନ୍ତସନ୍ତରେ ପକାଇଲାଣି। ସାମାନ୍ୟ ପବନ ବର୍ଷା ହେଲେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍‌କାଟ ହେଉଛି। ଏପଟେ ପ୍ରବଳ ଖରା ଓ ଗରମ ସାଙ୍ଗକୁ ମନଇଚ୍ଛା ବିଦ୍ୟୁତ୍‌କାଟ ଉପଭୋକ୍ତାଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିପକାଉଛି। ଚଳିତ ମାସ ୧୧ ତାରିଖରେ ଅଞ୍ଚଳରେ ହୋଇଥିବା କାଳବୈଶାଖୀ ପ୍ରବାହରେ ପ୍ରବଳ ପବନ ଓ ବର୍ଷାରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଅଧିକାଂଶ ଗାଁକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି। ବାଲିଗୁଡ଼ା ବ୍ଲକର ଅଧିକାଂଶ ପଞ୍ଚାୟତରେ ଏକ ସପ୍ତାହ ହେଲା ପଡ଼ିଯାଇଥିବା ବିଦ୍ୟୁତ୍ ଖୁଣ୍ଟ ସଜଡ଼ା ଯାଇ ନ ଥିବା ଯୋଗୁ ଲୋକମାନେ ଅନ୍ଧାରରେ ରହିଛନ୍ତି। ବାଲିଗୁଡା ବ୍ଲକର ବଡଗାଁ, ସିନ୍ଦ୍ରିଗାଁ, ମାଣିକୁଟି, ବାଲିପଦର ଭଳି ଅନେକ ଗ୍ରାମରେ ବିଦ୍ୟୁତ୍ ସେବା ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯିବା ଯୋଗୁ ଅଞ୍ଚଳବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ବିଦ୍ୟୁତ୍ ଦ୍ୱାରା ବିଭିନ୍ନ ଅଞ୍ଚଳର ଧାନକଳ, ଚୁଡ଼ା କଳ, ହଳଦୀ କଳ, କମ୍ପ୍ୟୁଟର, ଇଣ୍ଟରନେଟ ସେବା ଯୋଗାଉଥିବା ମାଲିକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୁଇ ଦିନ ତଳେ ଅଞ୍ଚଳର କେତେକ ସାହିରେ ବିଦ୍ୟୁତ୍ କାଟ୍ ହୋଇଥିଲା। କଲ ସେଣ୍ଟରରେ ଅଭିଯୋଗ କରିବାର ଦୀର୍ଘ ସମୟ ପରେ ମଧ୍ୟ ସମାଧାନ ନ ହେବାରୁ ଲୋକମାନେ ଅଭିଯୋଗ କରିବାପାଇଁ ବାଲିଗୁଡାର ବିଦ୍ୟୁତ୍ କାର୍ଯ୍ୟାଳୟକୁ ଯାଇଥିଲେ। କିନ୍ତୁ ତାହା ବନ୍ଦ ରହିଥିଲା, ବିଦ୍ୟୁତ୍ କାର୍ଯ୍ୟାଳୟ ଅଧିକାଂଶ ସମୟ ବନ୍ଦ ରହୁଛି, ଆଉ ଯେତିକି ସମୟ ଖୋଲା ଯାଉଛି, ସେହି ସମୟରେ ଅଭିଯୋଗ ଗ୍ରହଣ ନ କରି ଉପଭୋକ୍ତାଙ୍କୁ ହଇରାଣ ହରକତ କରାଯାଉଛି। ବିଭାଗୀୟ ଅଧିକାରୀ ମୋବାଇଲକୁ ବନ୍ଦ କରି ରଖୁଛନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅପରପକ୍ଷେ ବିଭାଗର କିଛି କର୍ମଚାରୀ କହିଛନ୍ତି ଯେ, କାଳବୈଶାଖୀରେ ଅଞ୍ଚଳର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାର ଉପରେ ବଡ ବଡ ଗଛ ପଡିଥିବାରୁ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଛି। ଏଣୁ ସେହି ସବୁ ଗାଁକୁ ଯାଇ ଜରୁରିକାଳୀନଭିତ୍ତିରେ ସଜାଡୁଛନ୍ତି, ତେଣୁ କାର୍ଯ୍ୟାଳୟରେ ପ୍ରାୟ କେହି ରହୁନାହାନ୍ତି ବୋଲି କହିଛନ୍ତି।

## ସଂକ୍ଷେପରେ

### ସା'କୁ ଫେରିଲା ଉଦ୍ଧାର ଶିଶୁ

ବ୍ରହ୍ମପୁର,୧୫।୬
(ସୁବାସ ଚନ୍ଦ୍ର ପାଢ଼ୀ)

ଗୋସାଇଁନୂଆଗାଁ ସ୍ଥିତ ଉତ୍କଳ ବାଳାଶ୍ରମରୁ ଗତ ମଇ ୩୧ ରେ ଶୁକ୍ରବାର ଏକ ନବଜାତ ଶିଶୁପୁତ୍ର ଉଦ୍ଧାର ହୋଇଥିଲା। ଶିଶୁଟିର ମାତା ଓ ପିତାଙ୍କ କୌଣସି ପରିଚୟ ମିଳିନଥିଲା। ଶିଶୁଟି ସ୍ୱାସ୍ଥ୍ୟବସ୍ଥା ଖରାପ ଥିବା ହେତୁ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ଶିଶୁଟି ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ (ସା')କୁ ଫେରିଛି। ଉକ୍ତ ବାଳାଶ୍ରମ ବାହାରେ ଶିଶୁ ରଖିବା ଝୁଲଣ ଭିତରେ କେହିଜଣେ ଶିଶୁଟିକୁ ରଖି ଚାଲି ଯାଇଥିଲେ । ସକାଳ ୭ଟା ବେଳେ ବାଳାଶ୍ରମ କର୍ମଚାରୀ ଶିଶୁଟିକୁ ଉଦ୍ଧାର କରି ସା'କୁ ହସ୍ତାନ୍ତର କରିଥିଲେ। ଶିଶୁଟି ଜଣ୍ଡିସ ଓ ସାମାନ୍ୟ ଶ୍ୱାସ ଜନିତ ରୋଗରେ ଆକ୍ରାନ୍ତ ଥିବା ଜଣାପଡିବା ପରେ ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇ ତାହାର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଏମ୍‌କେସିଜିର ଏସ୍‌ଏନସିୟୁ ଭର୍ତ୍ତି କରାଯାଇଥିଲା। ଶିଶୁଟିକୁ ଜନ୍ମ ଦେବା ପରେ କେହି ତାକୁ ସେଠାରେ ଛାଡି ଚାଲିଯାଇଥିବା ସନ୍ଦେହ କରାଯାଉଛି। କିଏ ଏବଂ କାହିଁକି ଏହି ଶିଶୁଟିକୁ ବାଳାଶ୍ରମରେ ଛାଡ଼ି ଚାଲିଯାଇଛି ତାହା ଏଯାବତ ଜଣାପଡିନାହିଁ।

# ସଚେତନତାରେ ସୀମିତ ବିଇଏମ୍‌ସିର ଡେଙ୍ଗୁ ନିୟନ୍ତ୍ରଣ

ବ୍ରହ୍ମପୁର,୧୫।୬
(ଅଶୋକ କୁମାର ସାହୁ)

ମୌସୁମୀ ବର୍ଷା ଆରମ୍ଭ ହୋଇ ନ ଥିଲେ ବି ବ୍ରହ୍ମପୁର ସହରରେ ଡେଙ୍ଗୁ ଡରାଇବାକୁ ଲାଗିଲାଣି। କିଛି ଦିନ ତଳେ ସହରରେ ଦୁଇ ଚାରି ଥର ବର୍ଷା ବି ହୋଇସାରିଛି। ସେହି ସମୟରେ ଜମି ରହିଥିବା ପାଣିରେ ମଶା ବଂଶ ବଢ଼ିବା ଆଶଙ୍କା ଦେଖାଦେଇଥିଲା। ଗତବର୍ଷ ଏହି ସମୟରେ ୪୪ ଡେଙ୍ଗୁ ରୋଗୀ ସହରରେ ଚିହ୍ନଟ ହୋଇଥିବା ବେଳେ ଚଳିତବର୍ଷ ବି ଡେଙ୍ଗୁ ଆଶଙ୍କାରେ ଲୋକେ ଆତଙ୍କିତ ହୋଇପଡିଛନ୍ତି। ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଏଯାଏଁ ତତ୍ପରତା ପ୍ରକାଶ ପାଇନାହିଁ। କେବଳ ସଚେତନତାରେ ଡେଙ୍ଗୁ ନିୟନ୍ତ୍ରଣକୁ ସୀମିତ ରଖାଯାଇଥିବା ନିଗମର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ସହରରେ ବିଇଏମ୍‌ସିର ୮ଟି ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ୭ଟି ସ୍ୱାସ୍ଥ୍ୟ କଲ୍ୟାଣ କେନ୍ଦ୍ର ରହିଛି। ଡେଙ୍ଗୁ ପାଇଁ ସମସ୍ତେ ସଜାଗ ରହିଛୁ ବୋଲି ବିଇଏମସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।


ଲାଞ୍ଜିପଲ୍ଲୀ ଦେଇ ଯାଇଥିବା ନାଳ

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଭ୍ୟନ୍ତରୀଣ ଓ ବାହ୍ୟ କ୍ଷେତ୍ର ଯାଞ୍ଚ ପାଇଁ ଦୁଇଟି ଟିମ ରହିଛି। ଆଭ୍ୟନ୍ତରିଣ ଯାଞ୍ଚ କ୍ଷେତ୍ରକୁ ତନଖି କରୁଥିବା ଅଧିକାରୀ କହିଛନ୍ତି ଯେ, ସମସ୍ତ କେନ୍ଦ୍ର ପକ୍ଷରୁ ଗତ ୫ ଓ ୬ ତାରିଖରେ ସଚେତନତା ରାଲି ବାହାରିଥିଲା। ଉକ୍ତ ରାଲି ସହରରେ ଥିବା ୪୨ ୱାର୍ଡ ବୁଲିଥିଲା। ଏଥି ସହିତ ଏଲ୍‌ଇଡି ଦ୍ୱାରା ମୁଖ୍ୟ ସ୍ଥାନରେ ଡେଙ୍ଗୁକୁ କିଭଳି ଦମନ କରାଯାଇପାରିବ ତା'ର ବାର୍ତ୍ତା ବି ଦିଆଯାଇଥିଲା। ଖାଲି ସେତିକି ନୁହେଁ ଭ୍ରାମ୍ୟମାଣ ଗାଡି ଦ୍ୱାରା ପ୍ରଚାର ବି ହୋଇଛି। ଏଥିସହିତ ସହରରେ ଥିବା ୧୮୦ ମହିଳା ଆରୋଗ୍ୟ ସମିତି ପକ୍ଷରୁ ବି ସଚେତନତା କାର୍ଯ୍ୟ କରାଯାଉଛି। ଏହି ଟିମରେ ଚଳିତବର୍ଷ ଜଣେ ମହିଳା ଏଏନଏମ, ଜଣେ ଅଙ୍ଗନୱାଡି କର୍ମୀ, ଜଣେ ଆଶାକର୍ମୀ ଓ ଜଣେ ମହିଳା ଆରୋଗ୍ୟ ସମିତିର ସ୍ୱେଚ୍ଛାସେବୀ ରହିଛନ୍ତି। ଏମ୍‌କେସିଜି ନଚେତ ସିଟି ହସ୍‌ପିଟାଲରେ ପରୀକ୍ଷାରୁ ଡେଙ୍ଗୁ ବାହାରିଲେ ତାକୁ ହିଁ ପ୍ରାମାଣିକ ବୋଲି ଧରି ନିଆଯାଉଛି। ଯଦି ଡେଙ୍ଗୁ ଜଣାପଡେ ଏହି ଟିମ ଯାଇ ସେଠାକାର ପରିବେଶକୁ ଯାଞ୍ଚ କରି ଏଡିସ ମଶା କେଉଁଠି ଅଣ୍ଡା ଦେଇଛି, ଲାର୍ଭା କେଉଁଠି ରହିଛି ତାକୁ ନିପାତ କରିବାର ପଦକ୍ଷେପ ନେବା ବ୍ୟବସ୍ଥା କରାଯିବ। ଏଥିପାଇଁ ଏଭଳି ୪୨ ଟିମ ଗଠନ କରାଯାଇଛି। ଗତ ବର୍ଷ ସ୍ୱଚ୍ଛ ସାଥୀମାନଙ୍କୁ ଏହି ଟିମରେ ନିଆଯାଇଥିଲା। ସେମାନଙ୍କୁ ଏବାବଦ ୩ଲକ୍ଷ ୧୦ ହଜାର ୮୦୦ ଟଙ୍କା ପ୍ରଦାନ କରାଯାଇଛି। ଯଦି ସେହି ପରିବେଶରେ କେଉଁଠି ଟାୟାର ଦୋକାନ ରହିଛି କିମ୍ବା କୌଣସି ସ୍ଥାନରେ ପାଣି ଜମି ରହିଛି ଏନଫୋର୍ସମେଣ୍ଟ ସ୍କ୍ୱାଡର ସହାୟତା ନିଆଯାଉଛି। ବର୍ତ୍ତମାନ ସୁଦ୍ଧା ବ୍ରହ୍ମପୁରରେ ଡେଙ୍ଗୁର ପ୍ରାଦୁର୍ଭାବ କମ ରହିଛି। କୌଣସି ଡେଙ୍ଗୁ ରୋଗୀ ଚିହ୍ନଟ ହୋଇନାହାନ୍ତି। କେବଳ ସଚେତନତାରେ ଡେଙ୍ଗୁ ନିୟନ୍ତ୍ରଣ କରାଯାଉଛି। ଆଗାମୀ ଦିନରେ ଏନେଇ ପଦକ୍ଷେପ ନିଆଯିବ ବୋଲି ବିଇଏମସି ସ୍ୱାସ୍ଥ୍ୟ ବିଭାଗର ସହରାଞ୍ଚଳ ପବ୍ଲିକ ହେଲ୍‌ଥ ଅଫିସର ଡା. ମନୋଜ କୁମାର ପଣ୍ଡା କହିଛନ୍ତି। ସେହିପରି ସହରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀ ଡା. ମାନସ ରଞ୍ଜନ ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ ଯେ, ବାହ୍ୟ ପରିବେଶରେ ମଶା ବଂଶ ନ ବଢ଼ିବା ପାଇଁ ପ୍ରତ୍ୟହ ପଦକ୍ଷେପ ନିଆଯାଉଛି। ୨୩ଜଣ କ୍ଷେତ୍ର କର୍ମଚାରୀଙ୍କୁ ନେଇ ବିଭିନ୍ନ ୱାର୍ଡରେ ସପ୍ତାହକୁ ଦୁଇଥର ଲେଖାଏଁ ମଶା ତେଲ ସିଞ୍ଚନ କରାଯାଉଛି। ବିଭିନ୍ନ ନର୍ଦ୍ଦମାରେ ମଶାଙ୍କ ଲାର୍ଭାକୁ ନଷ୍ଟ କରିବା ପାଇଁ ଗମ୍ବୁଶିଆ, ଗପି ଆଦି ମାଛ ବି ଛଡାଯାଉଛି। ତେବେ ପାଣି ଜମି ରହିବା ସ୍ଥାନକୁ ନଜର ଦିଆଯାଇ ମଶାଙ୍କ ପ୍ରଦୁର୍ଭାବ ଯେଭଳି ନ ବଢ଼ିବ ସେଥିପାଇଁ ବିଭାଗ ତତ୍ପର ରହିଛି ବୋଲି ସେ କହିଛନ୍ତି। ତେବେ ଆଗୁଆ ପଦକ୍ଷେପ ନ ନେଲେ ଗତବର୍ଷର ପରିସ୍ଥିତି ଉପୁଜିପାରେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

### ଯୁବକଙ୍କୁ ଅପହରଣ ଉଦ୍ୟମ

ବ୍ରହ୍ମପୁର,୧୫।୬
(ସୁବାସ ଚନ୍ଦ୍ର ପାଢ଼ୀ)

ବଡ଼ବଜାର ଥାନା ଅଞ୍ଚଳରେ ଦିଗପହଣ୍ଡିର ସୁନିଲ ମହାନ୍ତି(୧୯)ଙ୍କୁ ଅପହରଣ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତମାନେ ଅପହରଣ କରିବାରେ ବିଫଳ ହୋଇଥିବା ବେଳେ ତାଙ୍କ ବାଇକ ଲୁଟି ନେଇଯାଇଛନ୍ତି। ଅଭିଯୋଗ ଆଧାରରେ ଏହାର ତଦନ୍ତ କରାଯାଉଛି ବୋଲି କହିଛନ୍ତି ଆଇଆଇସି ପ୍ରଶାନ୍ତ କୁମାର ମଲ୍ଲିକ। ସୁନିଲଙ୍କ ଅଭିଯୋଗ ପ୍ରକାରେ ସେ ଶୁକ୍ରବାର ବ୍ରହ୍ମପୁର ଜଣେ ବନ୍ଧୁଙ୍କ ଘରକୁ ଆସିଥିଲେ। ଶନିବାର ଅପରାହ୍ନରେ ବାଇକରେ ଦିଗପହଣ୍ଡି ଫେରୁଥିଲେ। ହରିଡ଼ାଖଣ୍ଡି ଛକ ପାଖରେ ସେ ଏକ ପାନ ଦୋକାନକୁ ଯାଇ ସେଠାରେ ପାଣି ବୋତଲ କିଣିଥିଲେ। ୧୦ରୁ ଉର୍ଦ୍ଧ୍ୱ ଯୁବକ ବାଇକରେ ଆସି ତାଙ୍କୁ ଘେରି ଯାଇଥିଲେ। ସେମାନଙ୍କ ଭିତରୁ ଜଣକ ବାଇକରେ ବସିବାକୁ କହିଥିଲେ। ସେ ମନା କରିବାରୁ ତାଙ୍କୁ ଛୁରି ଦେଖାଇ ଭୟଭୀତ କରି ଜୋର ଜବରଦସ୍ତ ଆଉ ଜଣକ ଗାଡ଼ିରେ ବସାଇଥିଲେ । ସେଠାରୁ ତାଙ୍କୁ ଅନ୍ୟ ଏକ ଜାଗାକୁ ନେଉଥିବା ବେଳେ ବଡ଼ବଜାର ଥାନା ଆଗରେ ସୁନିଲ କୌଶଳକ୍ରମେ ଗାଡ଼ିରୁ ଡେଇଁପଡିଥିଲେ । ସେଠାରୁ ଦୌଡ଼ି ଥାନା ଭିତରକୁ ଯାଇ ଜୀବନ ବଞ୍ଚାଇଥିଲେ। ପୋଲିସ ସିସିଟିଭି ଫୁଟେଜ ସଂଗ୍ରହ କରି କ ତଦନ୍ତ ଚଳାଇଥିବା କହିଛି।

# ବ୍ରହ୍ମପୁର ରେଳ ଷ୍ଟେଶନରେ ଜଳ ସଙ୍କଟ

## ଯାତ୍ରୀ ହଇରାଣ, ସଫେଇ ହୋଇପାରୁନି ପ୍ଲାଟ୍‌ଫର୍ମ

ବ୍ରହ୍ମପୁର,୧୫।୬
(ସ୍ମୃତି ରଞ୍ଜନ ମହାଲିକ)

ଦକ୍ଷିଣ ଓଡିଶାର ବୃହତ୍ତମ ବ୍ରହ୍ମପୁର ରେଳ ଷ୍ଟେଶନରେ ଏବେ ଜଳ ସଙ୍କଟ ଦେଖାଦେଇଛି। ୧୦ରୁ ୧୨ ଦିନ ଧରି ଯାତ୍ରୀମାନେ ପିଇବା ପାଣିରୁ ବଞ୍ଚିତ ହୋଇଛନ୍ତି। ପ୍ରଚଣ୍ଡ ଖରା ଓ ଗୁଳୁଗୁଳିରେ ଯାତ୍ରୀମାନେ ପାଣି ପାଇଁ ତହଳ ବିକଳ ହେଉଛନ୍ତି। ବହୁ ଯାତ୍ରୀ ପାଣି ବୋତଲ କିଣି ଶୋଷ ମେଣ୍ଟାଉଛନ୍ତି। ଷ୍ଟେଶନ ପରିସରରେ ଥିବା ଶୌଚାଳୟରେ ମଧ୍ୟ ପାଣି ନ ଥିବାରୁ ସମସ୍ୟା ସୃଷ୍ଟି ହେଉଛି। ଏହି ଷ୍ଟେଶନ ଦେଇ ପାସେଞ୍ଜର ଓ ଏକ୍ସପ୍ରେସ ଭଳି ପ୍ରାୟ ୮୦ ଟ୍ରେନ ଯିବା ଆସିବା କରୁଥିବା ବେଳେ ଅନେକ ଯାତ୍ରୀ ବି ଆସୁଛନ୍ତି। ଯାତ୍ରୀଙ୍କ ପାଇଁ ପ୍ରତି ପ୍ଲାଟଫର୍ମରେ ପିଇବା ପାଣି ବ୍ୟବସ୍ଥା କରାଯାଇଛି। ଷ୍ଟେଶନ ବାହାର ଏକ ପାଣି ଟାଙ୍କିରୁ ରେଳୱେ ଜଳ ଯୋଗାଣ ବିଭାଗ ପକ୍ଷରୁ ପାଣି ଯୋଗାଣ ହେଉଛି। ଏହା ଦ୍ୱାରା ଷ୍ଟେଶନକୁ ଆସୁଥିବା ଯାତ୍ରୀ ଓ ଟ୍ରେନ ରହଣି ସମୟରେ ଯାତ୍ରୀ ଉପକୃତ ହୋଇଥାନ୍ତି। ୪ଟି ପ୍ଲାଟ ଫର୍ମରେ କୌଣସି ସ୍ଥାନରେ ପାଣି ଆସୁନାହିଁ କି ଶୌଚାଳୟରେ ପାଣି ଆସୁନାହିଁ। ଏହି ସମସ୍ୟା କାରଣରୁ ବହୁ ଯାତ୍ରୀ ଷ୍ଟେଶନ ନିକଟ ହୋଟେଲରେ ରହୁଛନ୍ତି। ଏ ନେଇ ବିଶାଖାପାଟଣା ଯିବା ନିମନ୍ତେ ଆସିଥିବା ଜଣେ ଯାତ୍ରୀ ଜେ କୁସୁମା କହିଛନ୍ତି ଯେ, ଅସହ୍ୟ ଗରମରେ ପାଣି ନ ମିଳିବା ସମସ୍ୟା ପାଲଟିଛି। ଦୂରଦୂରାନ୍ତରୁ


ଟ୍ୟାପ୍‌ରେ ପାଣି ଆସୁନାହିଁ

ଆସୁଥିବା ଯାତ୍ରୀ ବହୁ ହଇରାଣ ହେଉଛନ୍ତି। ୪ ପ୍ଲାଟଫର୍ମରେ ଥଣ୍ଡା ପାନୀୟ ଜଳ ଯୋଗାଣ ପାଇଁ ଲାଗିଥିବା ୬ ୱାଟର ପ୍ୟୁରିଫାଇର ମେସିନ ବି ୧୨ ଦିନ ଧରି ଅଚଳ ହୋଇ ପଡି ରହିଛି। ଏହା ମରାମତି କରାଯାଉ ନ ଥିବାରୁ ଯାତ୍ରୀମାନେ ଥଣ୍ଡା ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ସରକାର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଉଥିବାବେଳେ ପାଣି ଅଭାବରୁ ପ୍ଲାଟଫର୍ମ ସଫେଇ ହୋଇନପାରି ଦୂଷିତ ପରିବେଶ ସୃଷ୍ଟି ହୋଇଛି। ଏ ନେଇ ବ୍ରହ୍ମପୁର ରେଳ ଷ୍ଟେଶନ ଜଳ ଯୋଗାଣ ବିଭାଗର ସିନିୟର ସେକ୍‌ସନ ଇଞ୍ଜିନିୟର ଶ୍ରୀନିବାସ ରାଓ କହିଛନ୍ତି, ପାଇପ ଲାଇନରେ କୌଣସି ତ୍ରୁଟି କାରଣରୁ ଜଳ ଯୋଗାଣ ବନ୍ଦ ହୋଇଯାଇଛି। ବର୍ତ୍ତମାନ ଏହାର ମରାମତି କାର୍ଯ୍ୟ ସରିଛି। ବର୍ତ୍ତମାନ ଗୋଟିଏ ପ୍ଲାଟଫର୍ମକୁ ପାଣି ଯୋଗାଣ ହୋଇଛି। ଆଗାମୀ ଦିନରେ ସହରର ଜନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଷ୍ଟେଶନକୁ ପାଇପ ଲାଇନ ସଂଯୋଗ କରାଯିବ। ଫଳରେ କୌଣସି ସମସ୍ୟା ହେବନି ବୋଲି ସେ କହିଛନ୍ତି। ସେହିଭଳି ୱାଟର ପ୍ୟୁରିଫାଇର ମେସିନ ଅଚଳ ନେଇ ବିଦ୍ୟୁତ ବିଭାଗର ସିନିୟର ସେକ୍‌ସନ ଇଞ୍ଜିନିୟର ଅନୀଲ କୁମାରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏହା ଆମର ଦୃଷ୍ଟି ଗୋଚରକୁ ଆସିଛି। ଏହାର ମରାମତି ପାଇଁ ଟେକ୍ନିସିଆନଙ୍କୁ କୁହାଯାଇଛି। ଖୁବଶୀଘ୍ର ଏହାକୁ କାର୍ଯ୍ୟକ୍ଷମ କରାଯିବ ।

# ହଳଦୀ ଯୋଗାଣ ଠକେଇ: ୨ ମାଷ୍ଟରମାଇଣ୍ଡ ସମେତ ୪ ଗିରଫ

- ୮୦ ଲକ୍ଷ ନେଇଯାଇଥିଲେ
- ଆକାଉଣ୍ଟ ଫ୍ରିଜ୍ ପାଇଁ ବ୍ୟାଙ୍କକୁ ନୋଟିସ୍
- ୫ ମୋବାଇଲ, ବ୍ୟାଙ୍କ ଚେକ୍ ବୁକ୍ ଓ କମ୍ପାନୀ ଡକ୍ୟୁମେଣ୍ଟ ଜବତ

ବ୍ରହ୍ମପୁର,୧୫।୬
(ସୁବାସ ଚନ୍ଦ୍ର ପାଢ଼ୀ)


ଗିରଫ ଅଭିଯୁକ୍ତମାନେ।

ନାସିକ୍‌ର ଜଣେ ବ୍ୟବସାୟୀଙ୍କ ଠାରୁ ହଳଦୀ ଯୋଗାଣ ନାଁରେ ୮୦ ଲକ୍ଷ ଟଙ୍କା ଠକେଇ ଘଟଣାରେ ବୈଦ୍ୟନାଥପୁର ଥାନା ପୋଲିସ ଶନିବାର ଆନ୍ଧ୍ରପ୍ରଦେଶ ଇଚ୍ଛାପୁରରୁ ୨ ମାଷ୍ଟରମାଇଣ୍ଡ ସମେତ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ, ୨୪ ପ୍ରଗଣା ଜିଲାର ବରସତ ଥାନା ନୂଆପରା ଗ୍ରାମର ଗୁରୁଚାନ୍ଦ ବିଶ୍ୱାସ ଓରଫ ସୌରଭ ଘୋଷ (୫୦), ଦେବସେନା ମଣ୍ଡଳ ଓରଫ ଦେବରାଜ ହାଇଦର (୩୩), ବାଲେଶ୍ୱର ଖଇରା ଥାନା ସୁନ୍ଦରପୁର ଗ୍ରାମର ପ୍ରମୋଦ କୁମାର ମୁଖୀ ଓରଫ ବପୁ(୩୫) ଓ ଭଦ୍ରକ ବାଂସଡ଼ା ଥାନା ଟି.ରାଇପୁର ଗ୍ରାମର ଅଜୟ ନାୟକ(୫୩)। ପୋଲିସ ସେମାନଙ୍କ ନିକଟରୁ ୫ ମୋବାଇଲ, ଅକ୍ସିସ ବ୍ୟାଙ୍କ ଚେକ, ବ୍ରହ୍ମପୁରରେ ଖୋଲିଥିବା ନକଲି କମ୍ପାନୀକାଗଜପତ୍ର ଜବତ କରିଛି। ସେହିପରି ସେମାନଙ୍କ ଆକାଉଣ୍ଟ ଫ୍ରିଜ କରିବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଚିଠି କରାଯାଇଛି। ଏହା ଏକ ପେଷାଦାର ଠକ ଗ୍ୟାଙ୍ଗ, ଦୁଇ ମାଷ୍ଟରମାଇଣ୍ଡ ଗୁରୁଚାନ୍ଦ ଓ ଦେବସେନା ବ୍ରହ୍ମପୁର ଖୋଡାସିଙ୍ଗିରେ ୟୁନିଭର୍ସଲ ଏଗ୍ରୋ ନାମକ ଏକ ନକଲି କମ୍ପାନୀ କରି ତାଙ୍କର ଅନ୍ୟ ଦୁଇ ସହଯୋଗୀଙ୍କ ସହାୟତାରେ ଏହି ଠକେଇ କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ସେହିପରି ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ସୁଚିତ୍ରା ପରିଡା ସୂଚନା ଦେଇଛନ୍ତି। ନାସିକର ବ୍ୟବସାୟୀ ଅମଜାଦ ବାବୁ ସାହାଙ୍କ ଏବିଏସ ଟ୍ରେଡର୍ସ କମ୍ପାନୀ ରହିଛି। ସେ ଦେଶର ବିଭିନ୍ନ ସ୍ଥାନରୁ କୃଷିଜାତ ଦ୍ରବ୍ୟ ସଂଗ୍ରହ କରି ଅର୍ଡର ମୁତାବକ ବିଭିନ୍ନ କମ୍ପାନୀକୁ ସାମଗ୍ରୀ ଯୋଗାଣ କରୁଛନ୍ତି । ଗତମାସରେ ଅମଜାଦଙ୍କ କମ୍ପାନୀଙ୍କୁ ଥାନେ ଅଞ୍ଚଳର ପ୍ରିୟଙ୍କା ଏକ୍ସପର୍ଟ ନାମକ ଏକ କମ୍ପାନୀରୁ ୧୨୦ ମେଟ୍ରିକ ଟନ ହଳଦୀ ଯୋଗାଣ ପାଇଁ ଅର୍ଡର ମିଳିଥିଲା। ହଳଦୀ ସଂଗ୍ରହ କରିବାକୁ ଚେଷ୍ଟା ଚଳାଇଥିବା ଅମଜାଦ ଏହି ବ୍ୟବସାୟରେ ସଂପୃକ୍ତ ଥିବା ବାଙ୍ଗଲାଦେଶର ସୌରଭ ଘୋଷ ଓରଫ ଗୁରୁଚାନ୍ଦ ବିଶ୍ୱାସ ନାମକ ଜଣେ ବ୍ୟକ୍ତିଙ୍କ ବିଷୟରେ ଜାଣିବାକୁ ପାଇଥିଲେ। ଅମଜାଦଙ୍କ କମ୍ପାନୀର ଏଜେଣ୍ଟ ସାନ୍ଟୁନୁ ନାଗ ଓ ରାକେଶ ମଣ୍ଡଳଙ୍କ ଜରିଆରେ ସେ ସୌରଭ ଘୋଷଙ୍କୁ ଯୋଗାଯୋଗ କରିଥିଲେ । ପରେ ଅମଜାଦ ବ୍ରହ୍ମପୁର ଆସି ସୌରଭ ଘୋଷଙ୍କ ସହ ମିଶି ବ୍ରହ୍ମପୁରର ଲୋକାଲ ବ୍ୟବସାୟୀ ତଥା ଖୋଡାସିଂସ୍ଥିତ ୟୁନିଭର୍ସାଲ ଏଗ୍ରୋ ଇନୋଭେଶନ କମ୍ପାନୀର ମାଲିକ ପ୍ରମୋଦ କୁମାର ମୁଖୀଙ୍କ ସହ ସାକ୍ଷାତ କରିଥିଲେ । ଏହି କମ୍ପାନୀରୁ ହଳଦୀ ଯୋଗାଣ ହେବ, ଶୋଭନ ପାତ୍ର ନାମକ ଜଣେ ବ୍ୟକ୍ତିଙ୍କ ହଳଦୀ ଗୋଦାମରେ ମାଲ ମହଜୁଦ ଅଛି ବୋଲି କୁହାଯାଇଥିଲା । ଅମଜାଦ ଉକ୍ତ ଗୋଦାମ ଯାଞ୍ଚ କରିଥିଲେ । ପରେ ସେ ଗତମାସ ୧୮ ତାରିଖରୁ ଚଳିତ ମାସ ୧୧ ତାରିଖ ଭିତରେ ପ୍ରମୋଦ କୁମାର ମୁଖୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ମୋଟ ୮୦ ଲକ୍ଷ ଟଙ୍କା ପଠାଇଥିଲେ। ୧୨୦ ମେଟ୍ରିକ ଟନ ହଳଦୀ ଏଠାରୁ ଟ୍ରକ ଯୋଗେ ପଠାଇ ଦିଆଯିବ ବୋଲି କୁହାଯାଇଥିଲା। ସାମଗ୍ରୀ ଲୋଡର ଏକ ଭିଡିଓ ମଧ୍ୟ ପଠାଯାଇଥିଲା। ସାମଗ୍ରୀ ନ ପହଞ୍ଚିବାରୁ ସେ ବାରମ୍ବାର ଫୋନ କରି ବିଫଳ ହେବା ପରେ ସେ ଏ ସମ୍ପର୍କରେ ବୈଦ୍ୟନାଥପୁର ଥାନାରେ ଏତଲା ଦେଇଥିଲେ।

# ଯୁବକଙ୍କୁ ହତ୍ୟା ଉଦ୍ୟମ ଘଟଣା: ମାସେ ପରେ ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୧୫।୬
(ସୁବାସ ଚନ୍ଦ୍ର ପାଢ଼ୀ)

ବଡବଜାର ଥାନା ପୁରୁଣା ବ୍ରହ୍ମପୁରରେ ଗତ ମଇ ୧୩ ତାରିଖ ସୁଶାନ୍ତ କୁମାର ଦାସଙ୍କୁ ଖଣ୍ଡାରେ ହାଣି ହତ୍ୟା ଉଦ୍ୟମ ହୋଇଥିଲା । ଘଟଣାରେ ଫେରାର ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ପୁରୁଣା ବ୍ରହ୍ମପୁର ହରିଜନ ସାହିର ସୁନୀଲ କୁମାର ନାୟକ(୨୭)। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୂର୍ବରୁ ଏହି ମାମଲାରେ ପୋଲିସ ପୁରୁଣା ବ୍ରହ୍ମପୁର ହରିଜନ ସାହିର ଅର୍ଜୁନ ଘଡେଇ (୨୨), ତାଙ୍କ ମା' ସୁଜାତା ଘଡେଇ(୪୫) ଓ କେଉଟ ସାହିର ଅମିତ ନାୟକ(୧୯) ଗିରଫ କରିଥିଲା। ପୋଲିସ ସେମାନଙ୍କ ନିକଟରୁ ୩ଗୋଟି ଖଣ୍ଡା, ଲୁହା ଛ ଓ ଦୁଇଟି ଅଫୁଟା ବୋମା ଜବତ କରିଥିଲା ।ସେମାନଙ୍କୁ କୋର୍ଟ ଚାଲାଣ କରିଥିଲା । ଗତ ମଇ ୧୩ ତାରିଖ ସନ୍ଧ୍ୟାରେ ଚେତନ ନାୟକଙ୍କୁ ଅର୍ଜୁନ ଘଡେଇ ଓ ତାଙ୍କ ସହଯୋଗୀ ଅପହରଣ କରିନେଇଥିଲେ। ଖବର ପାଇ ସୁଶାନ୍ତ ଦାସ ଓ ତାଙ୍କ ସହଯୋଗୀ ଶଙ୍କର ଦାସ ସେଠାକୁ ଯାଇଥିଲେ। ସୁଶାନ୍ତ ସେଠାରୁ ଚେତନକୁ ଉଦ୍ଧାର କରି ଆଣିବା ପାଇଁ ଉଦ୍ୟମ କରିବା ବେଳେ ଅର୍ଜୁନ ଓ ତାଙ୍କ ପରିବାର ତାଙ୍କୁ ଖଣ୍ଡାରେ ସଂଘବଦ୍ଧ ଭାବେ ଘାତକ ଆକ୍ରମଣ କରିଥିଲେ। ଯାହାଫଳରେ ସୁଶାନ୍ତଙ୍କ ବାମ ହାତର ପାପୁଲି ଛିଡ଼ି ଯାଇଥିଲା। ଅଭିଯୋଗ ପରେ ପୋଲିସ ନଂ.୧୭୪/୨୪ ରେ ଏକ ମାମଲା ରୁଜୁ କରିଥିଲା।

# ମହୁଲି ଦୋକାନ ବନ୍ଦକଲେ ଗ୍ରାମବାସୀ

ଗୋପାଳପୁର,୧୫।୬(ନବୀନ ରାଜ ଆଚାରୀ):

ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ କନିଷି ପଞ୍ଚାୟତରେ ଗତ କିଛି ବର୍ଷ ଧରି ବିନା ଲାଇସେନ୍ସରେ ଚାଲିଥିବା ତିନୋଟି ଦେଶୀ ମହୁଲି ଶାଖା ଦୋକାନକୁ ଶନିବାର ବନ୍ଦ କରିଦିଆଯାଇଛି। ଅଭିଯୋଗ ଅନୁଯାୟୀ ଗୋଲନ୍ଥରା ଥାନା ଅଧିନସ୍ଥ କନିଷି ଗାଁରେ ଦୁଇଟି ଓ ସିହଳା ରାସ୍ତାରେ ଗୋଟିଏ ଦୋକାନ ବେଆଇନ ଭାବେ ଦେଶୀ ମହୁଲି ମଦ ବିକ୍ରି କରାଯାଉଥିଲା । ଏହାକୁ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ବହୁବାର ବିରୋଧ କରାଯାବା ସହ ବନ୍ଦ କରିବାକୁ ବିଭାଗୀୟ ଅଧୀକାରୀ ନିକଟରେ ଦାବି ଜଣାଯାଇଥିଲା। କିନ୍ତୁ ରାଜନୈତିକ ଚାପରେ ବିଭାଗୀୟ ଅଧିକାରୀମାନେ ଏହାକୁ ବନ୍ଦ କରିବାକୁ ସାହାସ କରୁ ନଥିଲେ। ଶନିବାର କନିଷି ଗାଁର ଭାଜପା ନେତା ସୁନିଲ କୁମାର ପାତ୍ରଙ୍କ ନେତୃତ୍ୱରେ ଅଞ୍ଚଳବାସୀ ଦୋକାନ ନିକଟରେ ପହଞ୍ଚି ବନ୍ଦ କରି ଦେଇଥିଲେ।

# ଗଞ୍ଜାମରୁ ଶ୍ରୀଜଗନ୍ନାଥ ସେନାର ଧନ୍ୟବାଦ ଯାତ୍ରା



ଖବରଦାତା ସମ୍ମିଳନୀରେ ଉପସ୍ଥିତ ସେନାର ସଦସ୍ୟବୃନ୍ଦ।

ବ୍ରହ୍ମପୁର,୧୫।୬
(ସ୍ମୃତି ରଞ୍ଜନ ମହାଲିକ)

ରାଜ୍ୟ ସରକାର ଶ୍ରୀମନ୍ଦିର ୪ ଦ୍ୱାର ତୁରନ୍ତ ଖୋଲିବା ନେଇ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଯେଉଁ ଅଭିଯାନ ଆରମ୍ଭ କରିଥିଲା ତାହା ସଫଳ ହୋଇଛି। ଏଣୁ ଗଞ୍ଜାମ ଜିଲାରୁ ଧନ୍ୟବାଦ ଯାତ୍ରା ଆରମ୍ଭ ହେବ ବୋଲି ସଂଘର କେନ୍ଦ୍ରୀୟ ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଶନିବାର ଗୋସାଣୀ ନୂଆ ଗାଁ ଜଗନ୍ନାଥ ମନ୍ଦିରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ସାଧୁବାଦ ଦେବା ସହ ସମସ୍ତ ଶ୍ରେୟ ଗଞ୍ଜାମ ଜିଲାବାସୀଙ୍କୁ ଯିବ ବୋଲି ସେ କହିଛନ୍ତି। ପୂର୍ବ ସରକାର ୪ ଦ୍ୱାରକୁ ବନ୍ଦ ରଖି ଭକ୍ତଙ୍କୁ ଯେଭଳି ଭାବେ କଲବଲ କରୁଥିଲେ ଓଡିଶାବାସୀ ଚଳିତ ନିର୍ବାଚନରେ ତାହାର ଜବାବ ଦେଇଛନ୍ତି। ସଂଘ ପକ୍ଷରୁ ଗତ ବର୍ଷ ସେପ୍ଟମ୍ବର ୮ ତାରିଖରୁ ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବା, ରତ୍ନ ଭଣ୍ଡାର ଖୋଲିବା ଭଳି ବିଭିନ୍ନ ବିଷୟକୁ ନେଇ ଅଭିଯାନ ଆରମ୍ଭ କରିଥିଲା। ପୁରୀରୁ ଜନ ସଂପର୍କ ଯାତ୍ରା ଆରମ୍ଭ ହୋଇ ସମଗ୍ର ଓଡିଶା ଭ୍ରମଣ କରିଥିଲା। ବର୍ତ୍ତମାନ ଧନ୍ୟବାଦ ଯାତ୍ରା ବ୍ରହ୍ମପୁର ପରେ ରାଜ୍ୟର ପୂରପଲୀକୁ ଯାତ୍ରା କରିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଆଇନଜୀବୀ ମନୋଜ ମହାପାତ୍ର, ସନ୍ତୋଷ ରାଉତ, ଶ୍ରୀଜଗନ୍ନାଥ ପୂଜାପଣ୍ଡା ସେବକ ନରସିଂହ ପୂଜା ପଣ୍ଡା ଓ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସୁଦକ୍ଷାରେ ୧୦୦୦ ଛାତ୍ରୀ ସ୍ୱାବଲମ୍ବୀ

ବ୍ରହ୍ମପୁର,୧୫।୬
(ସ୍ୱାଧୀନ ଶେଖର ପାଢ଼ୀ)

ବର୍ତ୍ତମାନ ବୈଷୟିକ ଶିକ୍ଷାକୁ ଅଗ୍ରାଧିକାର ମିଳୁଛି। ନିଜକୁ ସ୍ୱାବଲମ୍ବୀ କରିବାରେ ଯୁବ ପିଢ଼ିଙ୍କୁ ଏହା ସହାୟକ ହେଉଛି। ଖାଲି ପୁଅ କାହିଁକି ଏବେ ଝିଅମାନେ ବି ସମୟ ସହ ତାଳ ଦେଇ ଆଗକୁ ବଢ଼ୁଛନ୍ତି। ହେଲେ ଅର୍ଥ ଅଭାବରୁ ପାଠ ପଢ଼ାରୁ ବଞ୍ଚିତ ହେଉଥିବା ବା ଅଧାରୁ ପାଠ ଛାଡି ଦେଉଥିବା ଯୁବତୀମାନଙ୍କୁ ଅଧିକ ସୁଯୋଗ ଆଣିଦେଇଛି ବ୍ରହ୍ମପୁର ସରକାରୀ ଆଇଟିଆଇ (ଶିଳ୍ପ ତାଲିମ ଅନୁଷ୍ଠାନ)। ପ୍ରାୟ ୧୦୦୦ ଯୁବତୀ ବୈଷୟିକ ଶିକ୍ଷା ଲାଭକରି ସୁଦକ୍ଷା ଯୋଜନାରେ ଆତ୍ମନିର୍ଭରଶୀଳ ହୋଇଥିବା ଆଇଟିଆଇ ସୂତ୍ରରୁ ଜଣାପଡିଛି। ଏଥିମଧ୍ୟରୁ ଅନେକ ଛାତ୍ରୀ ଜାତୀୟ, ଅନ୍ତର୍ଜାତୀୟ ସ୍ତରର ବହୁ ସଂସ୍ଥାରେ ଓ ସରକାରୀ ନିଯୁକ୍ତି ପାଇଲେଣି। ସରକାରଙ୍କ ସ୍କିଲ ଓଡ଼ିଶା ଅନ୍ତର୍ଗତ ସୁଦକ୍ଷା ଯୋଜନାରେ ଗତ ବର୍ଷ ବିଭିନ୍ନ ବୈଷୟିକ ଶିକ୍ଷା ବିଭାଗରେ ପ୍ରାୟ ୭୫୦ ଯୁବତୀ ତାଲିମ ନେଇଛନ୍ତି। ଯୋଜନାରେ ପାଠ୍ୟକ୍ରମର ସମସ୍ତ

## ବ୍ରହ୍ମପୁର ଆଇଟିଆଇର ସଫଳତା


ଛାତ୍ରୀଙ୍କୁ ତାଲିମ ଦିଆଯାଉଛି।

ନିଜର ୬୭ ବର୍ଷର ଯାତ୍ରାରେ ଏହି ଶିଳ୍ପ ତାଲିମ ଅନୁଷ୍ଠାନ ନିଜର ନଷ୍ଟରୁ ସୃଷ୍ଟି ପ୍ରକଳ୍ପ ଆଲୋଡନ ସୃଷ୍ଟି କରି ପ୍ରଧାନମନ୍ତ୍ରୀଙ୍କ ଶ୍ରେଷ୍ଠ ଆଇଟିଆଇ ପୁରସ୍କାର ପାଇଛି। ତା'ର ଉପଯୋଗରେ ବିଭିନ୍ନ କଳାକୃତି କରି ଅନେକ ରେକର୍ଡ ସୃଷ୍ଟି କରିଛି। ଏହାକୁ ତ୍ୱରାନ୍ୱିତ କରିବାକୁ ଯାଇ ସରକାରଙ୍କ ସୁଦକ୍ଷା ଯୋଜନାରେ ଅନୁଷ୍ଠାନର ଅନେକ ଇଲେକ୍ଟ୍ରିସିଆନ, ଫିଟର, ଟର୍ନର, କମ୍ପ୍ୟୁଟର ଅପରେଟିଙ୍ଗ ଆଣ୍ଡ ପ୍ରୋଗ୍ରାମ ଆସିଷ୍ଟାନ୍ସ (କୋପା) ତାଲିମ ନେଇ ସ୍ୱାବଲମ୍ବୀ ହୋଇଛନ୍ତି। ନିକଟ ଅତୀତରେ ଅନୁଷ୍ଠାନର ଫୁଲଟା ଅଞ୍ଚଳର ଜଣେ ଛାତ୍ରୀ ଏହି ତାଲିମ ନେଇ ଜଟଣୀ ଆଇଟିଆଇରେ ନିଯୁକ୍ତି ପାଇ ସ୍ୱାବଲମ୍ବୀ ହୋଇଛନ୍ତି। ଝିଅ ପିଲାମାନଙ୍କ ପାଇଁ ଏହା ସମୟ ଉପଯୋଗୀ ଯୋଜନା । ସୁଦକ୍ଷା ମାଧ୍ୟମରେ ପ୍ରକୃତରେ ଯେଉଁମାନେ ପାଠ ପଢ଼ାରୁ ବଞ୍ଚିତ ଝିଅମାନଙ୍କ ପାଇଁ ଏକ ବରଦାନ କହିଲେ ଅତ୍ୟୁକ୍ତି ହେବନାହିଁ। ଦୀର୍ଘ ୫ ବର୍ଷ ହେବ ଶହ ଶହ ଝିଅ ଯେଉଁମାନେ ପାଠ ପଢ଼ି ପାରୁ ନ ଥିଲେ ଏହାଦ୍ୱାରା ପାଠ ପଢି ପାରୁଛନ୍ତି। ବିଶେଷ କରି ବୈଷୟିକ କ୍ଷେତ୍ରରେ ଦକ୍ଷତା ବିକାଶ କରିବା ପାଇଁ ଆଗକୁ ଆସୁଛନ୍ତି। ଶିକ୍ଷିତ ହେବା ସଙ୍ଗେ ସଙ୍ଗେ ସେମାନେ ସ୍ୱାବଲମ୍ବୀ ହୋଇ ପାରୁଛନ୍ତି ବୋଲି କହିଛନ୍ତି ଅନୁଷ୍ଠାନର ଅଧକ୍ଷ ଡ. ରଜତ ପାଣିଗ୍ରାହୀ। ସେମାନଙ୍କୁ ବିନା ଶୁଳ୍କରେ ପଢିବା ସହିତ ଛାତ୍ରାବାସରେ ରହିବା ଓ ଖାଇବା ଦିଆଯାଉଛି। ତା' ସହ ୟୁନିଫର୍ମ, ବହି ବ୍ୟତୀତ ପରୀକ୍ଷା ପାସ କରିବା ପରେ ଟ୍ରେନିଂ, ନିଯୁକ୍ତିର ସମସ୍ତ ଆନୁସଙ୍ଗିକ ଖର୍ଚ୍ଚ ସରକାର ବହନ କରୁଛନ୍ତି। ଏହି ଯୋଜନାରେ ପ୍ରାୟ ୧୦୦୦ ଛାତ୍ରୀ ସ୍ୱାବଲମ୍ବୀ ହେବା ସହ ଅନେକ ଯୁବପିଢ଼ି ଅନୁପ୍ରାଣିତ ହୋଇଥିବା ସେ କହିଛନ୍ତି।

